


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448





Vol - 21 ✦ Issue No:239 ✦ 26 December 2025 (Friday) ✦ Rourkela ✦ Rs.2.00 ✦ Page -1 ✦ ୨୧ ବର୍ଷ ✦ ସଂଖ୍ୟା:୨୩୯ ✦ ୨୬ ଡ଼ିସେମ୍ବର ୨୦୨୫ (ଶୁକ୍ରବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬


# ସୁରକ୍ଷା ବାହିନୀଙ୍କ ଏନକାଉଣ୍ଟରରେ ୪ ମାଓବାଦୀ ନିହତ

## କୋଟିଏ ଟଙ୍କାର ପୁରସ୍କାର ରାଶି ଥିବା ଗଣେଶ ଉଇକେ ମୃତ



କନ୍ଧମାଳ,୨୫/୧୨(ନି/ପ୍ର): ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାର ସୀମାରେ ଥିବା ରମ୍ଭା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ପୁଲିସ କହିଛି ଯେ, ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ସୁରକ୍ଷା ବାହିନୀ ସହିତ ଏନକାଉଣ୍ଟରରେ ଦୁଇ ମହିଳାଙ୍କ ସମେତ ଚାରି ଜଣ ମାଓବାଦୀ ନିହତ ହୋଇଛନ୍ତି। ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି, ନିହତ ମାଓବାଦୀଙ୍କ ମଧ୍ୟରୁ ଜଣଙ୍କୁ ଓଡ଼ିଶାର ଶୀର୍ଷ ମାଓ ନେତା ଗଣେଶ ଉଇକେ ଭାବରେ ଚିହ୍ନଟ କରାଯାଇଛି। ତାଙ୍କର ମୁଣ୍ଡ ଉପରେ ୧.୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଗୁରୁବାର ସକାଳେ ଏନକାଉଣ୍ଟର ସ୍ଥଳ ନିକଟରେ ଦୁଇ ମହିଳା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନଙ୍କର ଏପର୍ଯ୍ୟନ୍ତ ପରିଚୟ ମିଳିନାହିଁ। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶା ପୁଲିସର ଝଡଏ (ସ୍ପେଶାଲ୍ ଅପରେସନ୍ ଗ୍ରୁପ୍)ର ଏକ ଛୋଟ ମୋବାଇଲ୍ ଦଳ ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିବା ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ମାଓବାଦୀମାନେ ନିହତ ହୋଇଥିଲେ। ଦୁଇଜଣ ପୁରୁଷ କ୍ୟାଡରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା, ଯେତେବେଳେ ଅନ୍ୟ ଜଣେ ମହିଳା ମାଓବାଦୀଙ୍କ ମୃତଦେହ କିଛି ଦୂରରେ ପଡ଼ିଥିବା ମିଳିଥିଲା। ପୁଲିସ ଏକ ରିଭଲଭର, ଏକ ୩୦୩ ରାଇଫଲ ଏବଂ ଏକ ୱାକି-ଟକି ସେଟ୍ ଜବତ କରିଛି। ସୀମା ସୁରକ୍ଷା ବାହିନୀ (ଇଝର) ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ (ଉଜଟର) ର ମିଳିତ ଅପରେସନରେ ଏହି ସଫଳତା ମିଳିଛି। ସୁରକ୍ଷା ଅଧିକାରୀମାନେ କହିଛନ୍ତି ଯେ, ଗଣେଶ ଉଇକେ ଦେଶର ସବୁଠାରୁ ୱାଣ୍ଟେଡ୍ ମାଓ ନେତାମାନଙ୍କ ମଧ୍ୟରୁ ଜଣେ। ୨୦୧୩ ଝିରମ୍ ଉପତ୍ୟକା ହତ୍ୟାକାଣ୍ଡ ବ୍ୟତୀତ, ସେ ବିଭିନ୍ନ ରାଜ୍ୟରେ ଅନେକ ହାଇପ୍ରୋଫାଇଲ୍ ମାଓ ଆକ୍ରମଣରେ ସାମିଲ ଥିଲେ। ଏହି ଏନକାଉଣ୍ଟରରେ ସୁରକ୍ଷା ବାହିନୀଙ୍କର କୌଣସି କ୍ଷତି ହୋଇନାହିଁ ଏବଂ ଅଂଚଳରେ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି। ପଡ଼ୋଶୀ ମାଲକାନଗିରି ଜିଲ୍ଲାରେ ୨୨ଜଣ ମାଓବାଦୀ ଓଡ଼ିଶା ଡିଜିପି ୱାଇ ବି ଖୁରାନାଙ୍କ ନିକଟରେ ଆତ୍ମସମର୍ପଣ କରିବାର ଗୋଟିଏ ଦିନ ପରେ ଏହି ଏନକାଉଣ୍ଟର ଘଟିଛି।

# କ୍ୟାଥେଡ୍ରାଲ ଚର୍ଚ୍ଚରେ ଖ୍ରୀଷ୍ଟମାସ ପାଳିଲେ ପ୍ରଧାନମନ୍ତ୍ରୀ ପ୍ରାର୍ଥନା ସଭାରେ ଦେଲେ ଯୋଗ



ନୂଆଦିଲ୍ଲୀ, ୨୫/୧୨ :ଦିଲ୍ଲୀ ସ୍ଥିତ କ୍ୟାଥେଡ୍ରାଲ ଚର୍ଚ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଉନ୍ନର ଭାରତର ଖ୍ରୀଷ୍ଟିଆନ ସମ୍ପ୍ରଦାୟଙ୍କ ସହ ଖ୍ରୀଷ୍ଟମାସ ପାଳିଲେ ପିଏମ୍। ପ୍ରାର୍ଥନା ସଭାରେ ଦେଲେ ଯୋଗ। ଏହି ପ୍ରାର୍ଥନା ସଭାରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ବିଶେଷ ପ୍ରାର୍ଥନା କରାଯାଇଛି। ଖ୍ରୀଷ୍ଟମାସର ପବିତ୍ର ଅବସରରେ ମୋଦି ଦେଶବାସୀଙ୍କୁ ଶୁଭକାମନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି ଯେ, ଖ୍ରୀଷ୍ଟମାସ ସକାଳେ ଦିଲ୍ଲୀର କ୍ୟାଥେଡ୍ରାଲ୍ ଚର୍ଚ୍ଚ ଅଫ୍ ଦି ରିଡେମ୍ପସନ୍‌ରେ ଯୋଗ ଦେଇଥିଲି। ପ୍ରାର୍ଥନା ସଭାରେ ପ୍ରେମ, ଶାନ୍ତି ଏବଂ କରୁଣାର ଅନନ୍ତ ବାର୍ତ୍ତାକୁ ଝଲକ ଦେଖିବାକୁ ମିଳିଥିଲା। ଖ୍ରୀଷ୍ଟମାସର ସଦ୍ଭାବନା ଆମ ସମାଜରେ ସଦ୍ଭାବ ଏବଂ ଏକତାକୁ ପ୍ରେରଣା ଦେବ। ସେହିପରି ଆଉ ଏକ ପୋଷ୍ଟରେ ମୋଦି ସମସ୍ତଙ୍କୁ ଶାନ୍ତି, କରୁଣା ଏବଂ ଆଶାରେ ଭରପୁର ଆନନ୍ଦମୟ ଖ୍ରୀଷ୍ଟମାସର ଶୁଭକାମନା ଜଣାଇଥିଲେ। ସେ ଲେଖିଥିଲେ ଯେ, ଈଶ୍ୱର କରନ୍ତୁ ଯୀଶୁଙ୍କ ଶିକ୍ଷା ଆମ ସମାଜରେ ସଦ୍ଭାବନାକୁ ଆହୁରି ମଜବୁତ କରୁ।

# ସାନ୍ତାଳୀ ଭାଷାରେ ସମ୍ବିଧାନ ଜାରି କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର, ୨୫/୧୨(ନି/ପ୍ର): ସାନ୍ତାଳୀ ଭାଷାରେ ସମ୍ବିଧାନ ଜାରି କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମହାମହିମ ସାନ୍ତାଳୀ ଭାଷାରେ ସମ୍ବିଧାନ ଜାରି କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ, ଭାରତର ସମ୍ବିଧାନ ଏବେ ସାନ୍ତାଳୀ ଭାଷାରେ। ସମସ୍ତ ସାନ୍ତାଳୀ ଲୋକଙ୍କ ପାଇଁ ଏହା ଗର୍ବ ଏବଂ ଖୁସିର ବିଷୟ। ଅଲ୍ ଚିକି ଲିପିରେ ଏହା ଉପଲବ୍ଧ। ଏହାଦ୍ୱାରା ସେମାନେ ସମ୍ବିଧାନକୁ ନିଜ



ଭାଷାରେ ପଢି ବୁଝି ପାରିବେ। ଅଲ୍ ଚିକି ଲିପିର ଶତବାର୍ଷିକୀ ବର୍ଷରେ ଅଲ୍ ଚିକି ଲିପିରେ ଭାରତର ସମ୍ବିଧାନ ପ୍ରକାଶିତ ହୋଇଛି। ଏଥିପାଇଁ ରାଷ୍ଟ୍ରପତି ଆଇନ ମନ୍ତ୍ରୀ ଏବଂ ତାଙ୍କ ଟିମ୍ କୁ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ କେନ୍ଦ୍ର ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଉପସ୍ଥିତ ଥିଲେ। ୨୦୦୩ ମସିହାର ୯୨ତମ ସମ୍ବିଧାନ ସଂଶୋଧନ ଆଇନ ମାଧ୍ୟମରେ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ ହୋଇଥିବା ସାନ୍ତାଳୀ ଭାଷା ଭାରତର ସବୁଠାରୁ ପୁରୁଣା ଜୀବନ୍ତ ଭାଷା ମଧ୍ୟରୁ ଗୋଟିଏ। ଏହା ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବିହାରରେ ବହୁ ସଂଖ୍ୟକ ଆଦିବାସୀ ଲୋକଙ୍କ ଦ୍ୱାରା କଥିତ।

## ଶିକ୍ଷମନ୍ତ୍ରୀଙ୍କୁ ଭେଟିଲେ ନ୍ୟୁଜିଲ୍ୟାଣ୍ଡର ବାଣିଜ୍ୟିକ ଦୂତ

ଭୁବନେଶ୍ୱର,୨୫/୧୨(ନି/ପ୍ର): ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଲୋକସେବା ଭବନଠାରେ ନ୍ୟୁଜିଲ୍ୟାଣ୍ଡର ଅକଲ୍ୟାଣ୍ଡରେ ଭାରତର ବାଣିଜ୍ୟିକ ଦୂତ ଦାୟିତ୍ୱରେ ରହିଥିବା ଡକ୍ଟର ମଦନ ମୋହନ ସେଠୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ନ୍ୟୁଜିଲ୍ୟାଣ୍ଡ ଓ ଓଡିଶା ମଧ୍ୟରେ ପ୍ରଯୁକ୍ତିବିଦ୍ୟାର ଆଦାନ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ବିଶ୍ୱବଜାରରେ ଓଡିଶା ଉତ୍ପାଦର ପ୍ରଚାର ପ୍ରସାର ଦିଗରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ଆରୋପ କରିଥିଲେ।

# ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଗଲା-ଡିଜିପି



ଭୁବନେଶ୍ୱର,୨୫/୧୨(ନି/ପ୍ର): ଓଡ଼ିଶାରେ ମାଓନେତାଙ୍କ ମେରୁଦଣ୍ଡ ଭାଙ୍ଗିଗଲା । ଟପତ ମାଓନେତା ଗଣେଶଙ୍କ ନିହତକୁ ବଡ ସଫଳତା ବୋଲି କହିଛନ୍ତି ପୁଲିସ ଡିଜି ୱାଇ ବି ଖୁରାନିଆ । ସେ କହିଛନ୍ତି ଯେ ଗଣେଶଙ୍କ ନିହତ ପରେ ଓଡ଼ିଶାରେ ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି । ଗଣେଶଙ୍କ ସମେତ ୪ ନକ୍ସଲ ନିହତ ହୋଇଛନ୍ତି, ଯାହା ଏକ ବଡ ସଫଳତା । ଏବେବି ସର୍ଚ୍ଚ ଅପରେସନ ଜାରି ରହିଛି । ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀଙ୍କ ମୂଳପୋଛ ଲକ୍ଷ୍ୟ ବୋଲି ଡିଜିପି କହିଛନ୍ତି । ମାଓବାଦୀଙ୍କ ଆତ୍ମସମର୍ପଣ ପାଇଁ ଆମ ରାଜ୍ୟର ପଲିସି ସବୁଠୁ ଶ୍ରେଷ୍ଠ । ତେଣୁ ମାଓବାଦୀ ହିଂସାପଥ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ବୋଲି ଡିପିଜି ଆହ୍ୱାନ ଦେଇଛନ୍ତି ।

# ମେଟ୍ରୋରେ ବୁଲି ଯାତ୍ରୀଙ୍କ ସମସ୍ୟା ବୁଝିଲେ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୨୫/୧୨ : ଆଜି ଦିଲ୍ଲୀ ମେଟ୍ରୋରେ ବୁଲି ଯାତ୍ରୀଙ୍କ ସମସ୍ୟା ବୁଝିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । ଅଟଳ କ୍ୟାଣ୍ଟିନ୍‌ର ଉଦଘାଟନ ପରେ ମେଟ୍ରୋରେ ବୋଲିଥିଲେ ଶ୍ରୀମତୀ ଗୁପ୍ତା । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ଦିଲ୍ଲୀ ମେଟ୍ରୋରେ ଯାତ୍ରା କରି ଯାତ୍ରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ଅବସରରେ ଦିଲ୍ଲୀରେ "ଅଟଳ କ୍ୟାଣ୍ଟିନ୍" ଉଦଘାଟନ କରିଥିଲେ ଶ୍ରୀମତୀ ଗୁପ୍ତା । ଉଦ୍ଘାଟନ ପରେ ସେ ମେଟ୍ରୋରେ ଯାତ୍ରା କରିଥିଲେ । ସେ ଦିଲ୍ଲୀ ଗେଟ୍ ରୁ ଲାଜପତ ନଗର ଯାତ୍ରା କରିଥିଲେ । ଯାହାର ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଛି, ଯେଉଁଥିରେ ସେ ଯାତ୍ରୀମାନଙ୍କ ସହିତ ଆଲୋଚନା କରୁଥିବା ଏବଂ ସେମାନଙ୍କ ସହିତ ଫଟୋ ଉଠାଇଥିବାର ଦେଖାଯାଉଛି । ଦିଲ୍ଲୀରେ ୧୦୦ଟି ସ୍ଥାନରେ ଅଟଳ କ୍ୟାଣ୍ଟିନ ଶୁଭାରମ୍ଭ କରିଛନ୍ତି ଶ୍ରୀମତୀ ଗୁପ୍ତ । ପ୍ରତି ଭୋଜନର ମୂଲ୍ୟ ୫ଟଙ୍କା ରହିଛି । ୨୦୨୫ ଦିଲ୍ଲୀ ନିର୍ବାଚନ ପାଇଁ ବିଜେପି ଏହାର ନିର୍ବାଚନ ଇସ୍ତାହାରରେ ଅଟଳ କ୍ୟାଣ୍ଟିନ୍ ପ୍ରତିଶୃତି ଦେଇଥିଲା । ବଜେଟରେ ଏଥିପାଇଁ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା ।

## ଚାନ୍ଦବାଲି ଘଟଣାରେ କଡ଼ା ଆକ୍ସନ୍ ନିଆଯିବ :ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫/୧୨(ନି/ପ୍ର) :ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ଚାନ୍ଦବାଲିରେ ଘଟିଥିବା ମାମଲାରେ ଦୋଷୀଙ୍କ ବିରୋଧରେ କଡ଼ାରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସେଉଁଠାରେ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଓ ଜାଚ ପାଇଁ ମହିଳା କମିଶନର ସଦସ୍ୟା ନ୍ୟାୟିକ ତଦନ୍ତ କରିବେ। ପ୍ରଭାତୀ ପରିଡ଼ା କହିଛନ୍ତି , ଏପରି ଘଟଣା ସମାଜରେ ଆଉ କେବେ ଘଟିବା ଉଚିତ୍ ନୁହେଁ। ଏଥିପାଇଁ କେବଳ ସରକାରର ନୁହେଁ, ସମାଜର ମଧ୍ୟରେ ଦାୟିତ୍ୱ

# ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ପ୍ରଧାନମନ୍ତ୍ରୀ:

## 'ମହାନତା ପଦ ପଦବୀରେ ନୁହେଁ, ବରଂ ଆଚରଣରୁ ପ୍ରତିଫଳିତ ହୁଏ'

ନୂଆଦିଲ୍ଲୀ,୨୫।୧୨: ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ । ଏହି ବିଶେଷ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସଦୈବ ଅଟଳ' ସ୍ମାରକୀରେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କୁ ଜଣେ ରାଜନେତା ଭାବରେ ବର୍ଣ୍ଣନା କରିଥିଲେ, ଯାହାଙ୍କ ଆଚରଣ, ମର୍ଯ୍ୟାଦା ଏବଂ ଜାତୀୟ ସ୍ୱାର୍ଥ ପ୍ରତି ଅଟଳ ପ୍ରତିବଦ୍ଧତା ଭାରତୀୟ ରାଜନୀତି ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, ଅଟଳଜୀଙ୍କ ଜୀବନ କାହାଣୀ ଦେଶବାସୀଙ୍କୁ ପ୍ରେରଣା ଦେଇ ଚାଲିଛି । ସେ କହିଛନ୍ତି, ମହାନତା କୌଣସି ପଦବୀରେ ନଥାଏ ନୁହେଁ ବରଂ ଆଚରଣରେ ଥାଏ । ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, ମହାନ ନେତାଙ୍କ କାର୍ଯ୍ୟ



ସମାଜକୁ ରାସ୍ତା ଦେଖାଏ ଏବଂ ଏହା ବାଜପେୟୀଙ୍କ ସମଗ୍ର ଜୀବନରେ ପ୍ରତିଫଳିତ ହୋଇଥିଲା । ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି ଯେ, ସମ୍ମାନନୀୟ ଅଟଳ ଜୀଙ୍କ ଜନ୍ମବାର୍ଷିକୀ ଆମ ସମସ୍ତଙ୍କ ପାଇଁ ତାଙ୍କ ଜୀବନରୁ ପ୍ରେରଣା ପାଇବାର ଏକ ବିଶେଷ ସୁଯୋଗ । ତାଙ୍କ ଆଚରଣ, ମର୍ଯ୍ୟାଦା, ବୈଚାରିକ ଦୃଢ଼ତା ଏବଂ ରାଷ୍ଟ୍ର ସ୍ୱାର୍ଥକୁ ସର୍ବୋପରି ରଖିବାର ଦୃଢ଼ ସଂକଳ୍ପ ଭାରତୀୟ ରାଜନୀତି ପାଇଁ ଏକ ଆଦର୍ଶ ମାନଦଣ୍ଡ । ତାଙ୍କ ଜୀବନ ମାଧ୍ୟମରେ ସେ ଦର୍ଶାଇଥିଲେ ଯେ, ମହନତା ପଦବୀ ଦ୍ୱାରା ନୁହେଁ ବରଂ ଆଚରଣ ଦ୍ୱାରା ପ୍ରତିଷ୍ଠିତ ହୁଏ, ଏବଂ ଏହା ହିଁ ସମାଜକୁ ମାର୍ଗଦର୍ଶନ କରେ ।

## ବନ୍ଧା ହେଲେ ବରିଷ୍ଠ ରାଜସ୍ୱ ସହାୟକ



ସମ୍ବଲପୁର,୨୫/୧୨(ନି/ପ୍ର): ବନ୍ଧା ହେଲେ ସମ୍ବଲପୁର ବରିଷ୍ଠ ରାଜସ୍ୱ ସହାୟକ। ବରିଷ୍ଠ ରାଜସ୍ୱ ସହାୟକ ବାସୁଦେବ ଭୋଇଙ୍କୁ ଭିଜିଲାନ୍ସ ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାସୁଦେବଙ୍କ ୪ଟି ସ୍ଥାନରେ ରେଡ୍ ଜାରି ରହିଛି। ବରଗଡ, ସମ୍ବଲପୁରରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା। ବରଗଡରେ ଥିବା ଆବାସିକ ଦୁଇ ମହଲା କୋଠା, ସମ୍ବଲପୁର ଚାରଭାଟିରେ ଥିବା କୋଠା, ବରଗଡରେ ଥିବା ପୈତୃକ ଘର, ସମ୍ବଲପୁରରେ ଥିବା ତାଙ୍କ ସରକାରୀ କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ରେଡ୍ କରାଯାଇଥିଲା।

## କେନ୍ଦ୍ର ସରକାରଙ୍କ ବଡ଼ ନିର୍ଦ୍ଦେଶ :

# ଆରାବଳୀରେ ନୂଆ ଖଣି ଲିଜ୍ ଦେଇପାରିବେନି ରାଜ୍ୟ



ନୂଆଦିଲ୍ଲୀ,୨୫/୧୨ : ଆରାବଳୀ ପର୍ବତମାଳାକୁ ନେଇ ବିବାଦ ପରେ କେନ୍ଦ୍ର ସରକାର ବୁଧବାର ଏ ଦିଗରେ ବଡ଼ ନିର୍ଦ୍ଦେଶ ଜାରି କରିଛନ୍ତି। ରାଜସ୍ଥାନ ଓ ହରିୟାଣା ସମେତ ଦିଲ୍ଲୀରୁ ଗୁଜରାଟ ପର୍ଯ୍ୟନ୍ତ ଆରାବଳୀ ପର୍ବତମାଳା ବ୍ୟାପିଛି। କୌଣସି ରାଜ୍ୟ ସରକାର ଆରାବଳୀ ପର୍ବତମାଳା ଅଂଚଳରେ ନୂଆ ଖଣି ଲିଜ୍ ଦେଇପାରିବେ ନାହିଁ ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ ଦୃଷ୍ଟିରୁ ଦୁର୍ବଳ ଅଂଚଳକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ବନ ଗବେଷଣା ଏବଂ ଶିକ୍ଷା ପରିଷଦ (ଆଇସିଏଫ୍ଆରଇ)କୁ କେନ୍ଦ୍ର ସରକାର ଆରାବଳୀରେ ପୂର୍ବରୁ ଖଣି ଖନନ ନିଷିଦ୍ଧ ହୋଇଥିବା ଅଂଚଳ ବ୍ୟତୀତ ଅତିରିକ୍ତ ଅଂଚଳ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରିବେଶଗତ, ଭୂତାତ୍ତ୍ୱିକ ଏବଂ ଭୂଦୃଶ୍ୟ ସ୍ତରୀୟ ବିଚାର ଉପରେ ଆଧାରିତ ହେବ। କେନ୍ଦ୍ର ସରକାରଙ୍କ କଟକଣା ସମ୍ପୂର୍ଣ୍ଣ ଆରାବଳୀ ଅଂଚଳ ଉପରେ ସମାନ ଭାବେ ଲାଗୁ ହେବ। ଆରାବଳୀ ରେଞ୍ଜରେ ବେଆଇନ ଏବଂ ଅନିୟନ୍ତ୍ରିତ ଖଣି କାର୍ଯ୍ୟକଳାପକୁ ରୋକିବା ଦ୍ୱାରା ପ୍ରାଚୀନ ଭୂତାତ୍ତ୍ୱିକ ପରିସରର ଅଖଣ୍ଡତାକୁ ସଂରକ୍ଷିତ କରାଯାଇ ପାରିବ। ଆଇସିଏଫ୍ଆରଇକୁ ସମ୍ପୂର୍ଣ୍ଣ ଆରାବଳୀ ଅଂଚଳରେ ବିଜ୍ଞାନ-ଆଧାରିତ ବ୍ୟାପକ ସ୍ଥାୟୀ ଖଣି ପରିଚାଳନା ଯୋଜନା (ଏମ୍‌ପିଏସ୍ଏମ୍) ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିରେ ପରିବେଶଗତ ପ୍ରଭାବ, ସଙ୍କଟାପନ୍ନ ଅବସ୍ଥାରେ ଥିବା ସ୍ଥାନଗୁଡ଼ିକର ସଂରକ୍ଷଣ, ସମ୍ବେଦନଶୀଳ ଅଂଚଳ ଚିହ୍ନଟ କରିବା, ଏହାର ପୁନରୁଦ୍ଧାର ଏବଂ ପୁନର୍ବାସ ପାଇଁ କେଉଁ ପ୍ରକାର ପଦକ୍ଷେପ ନିଆଯାଇପାରିବ ତାହାର ରୂପରେଖ ପ୍ରସ୍ତୁତ କରିବାକୁ କେନ୍ଦ୍ର ପରିବେଶ ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛି। ଆରାବଳୀ ରେଞ୍ଜରେ ବର୍ତ୍ତମାନ ଚାଲିଥିବା ଖଣି ଖନନ ପାଇଁ ମଧ୍ୟ କଡ଼ା ନିୟମ ଲାଗୁ କରାଯାଇଛି।

# ଧନୁଯାତ୍ରା ଦେଖି ବାଇକ ଯୋଗେ ଘରକୁ ଫେରୁଥିଲେ

## ପାଣିରେ ବୁଡ଼ି ପ୍ରାଣ ହରାଇଲେ ୨ , ଅନ୍ୟ ୨ଜଣ ଗୁରୁତର

କୋମନା,୨୫/୧୨(ନି/ପ୍ର) :ଧନୁଯାତ୍ରା ଦେଖି ଏକ ବାଇକ ଯୋଗେ ଚାରିଜଣ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ପାଣିରେ ପଡି ଦୁଇଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି। ମିଳିଥିବା ସୁଚନା ଅନୁସାରେ, ନୂଆପଡା ଜିଲ୍ଲା କୋମନା ଥାନା ତରବୋଡ଼ ଗାଁରେ ଧନୁଯାତ୍ରା ଚାଲିଛି କ୍ଷ ଧନୁଯାତ୍ରା ଦେଖିବାକୁ କୋମନା ଥାନା ଅନ୍ତର୍ଗତ ବାବେଘାଟି ଗାଁର ଶୋଭାରାମ ହଂସ, ରଂଜିତ ହଂସ, ଭାଗବତ ମାଝୀ, ଓ ହାତୀସରା ଗାଁର ହରିଚନ୍ଦ୍ର ପଟେଲ ଗାଁକୁ ଫେରୁଥିଲେ। ଚାରି ଜଣଙ୍କ ବୟସ ଅଠର ରୁ କୋଡିଏ ଭିତରେ ହେବ। ଯାତ୍ର ଦେଖି ଗୁରବାର ଭୋରରୁ ବାବେଘାଟିର ଶୋଭାରାମ, ରଂଜିତ, ଓ ଭାଗବତ ଓଡ଼ି ୨୬ସି ୯୧୬୬ ଯୋଗେ ହାତୀସରା ଗାଁକୁ ହରିଚନ୍ଦ୍ର ଘରକୁ ଚାରିଜଣ ଆରୋହୀ ହାତିସରା ଛାଡିବାକୁ ଯାଉଥିବା ବେଳେ ହାତୀସରା ତରବୋଡ଼ ପୋଲ ପାଖରେ ଭାରସାମ୍ୟ ହରାଇ ପାଣି ଭିତରେ ପଡ଼ିଯାଇଥିଲେ । ସେମାନଙ୍କ ଭିତରୁ



ରଂଜିତ ଓ ଭାଗବତ ପାଣିରୁ ପହଁରି ପଦାକୁ ଆସିଯାଇଥିବା ବେଳେ ବବେଘାଟିର ଶୋଭାରମ ହଂସ ଓ ହାତୀସରାର ହରିଚନ୍ଦ୍ର ପଟେଲଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ କୋମନା ପୁଲିସ ଘଟଣା ସ୍ଥଳରେ ପହଁଚି ଆହତଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ଏଣେ କୋମନା ଅଗ୍ନିଶମ ବିଭାଗ ସହଯୋଗରେ ପାଣିରୁ ମୃତଦେହ ବାହାର କଲା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ କୋମନା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁଥିବା କୋମନା ଆଇଆଇସି ରଶ୍ମିତା ପ୍ରଧାନ ସୂଚନା ଦେଇଛନ୍ତି ।



# କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

## ଜିଲ୍ଲାରେ ଆଉ ୫ଟି ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ



କେନ୍ଦୁଝର, ୨୫/୧୨(ନି/ପ୍ର): କେନ୍ଦୁଝର ଜିଲ୍ଲାରେ ୫ଟି ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ର (ଇଡଉ) ଉଦ୍‌ଘାଟିତ ହୋଇଯାଇଛି । ମହିଳା ଏବଂ ଶିଶୁ ବିକାଶ ବିଭାଗର ଦାୟିତ୍ୱରେ ଥିବା ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଆଜି ଆଭାସି ମାଧମରେ ଏହି ୫ଟି କେନ୍ଦ୍ର (ଇଡଉ) ଉଦଘାଟନ କରିଛନ୍ତି । ଏହା ଦ୍ୱାରା ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ପୁଷ୍ଟି ସେବା ସୁଦୃଢ଼ ହେବ । ଏହି ଆଭାସି ଉଦଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାୟକ, ଅତିରିକ୍ତ ସୁଧା ଗୋସ୍ୱାମୀ, ସମାଜ କଲ୍ୟାଣ ଅଧିକାରୀ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ), କାର୍ଯ୍ୟକ୍ରମ ଅଧିକାରୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଦ୍‌ଘାଟିତ ହୋଇଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ହେଲା ଘସିପୁରା ବ୍ଲକ ଅନ୍ତର୍ଗତ ଗୁହାଳଡିହି ଏବଂ ହାତୀସିଲା, ଚମ୍ପୁଆ ବ୍ଲକର ଜୟମଙ୍ଗଳପୁର ଏବଂ ବରପଦା ଏବଂ ବାଂଶପାଳ ବ୍ଲକର ମାମଲାପୋଷି-ଏ । ଏହି କେନ୍ଦ୍ରଗୁଡ଼ିକ ମା'ମାନଙ୍କ ପାଇଁ ପରିପୂରକ ପୁଷ୍ଟିସାର, ସ୍ୱାସ୍ଥ୍ୟ ତଦାରଖ ଏବଂ ପରାମର୍ଶ ସେବା ସହିତ ଶିଶୁମାନଙ୍କ ପ୍ରାରମ୍ଭିକ ଶୈଶବ ଶିକ୍ଷା ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ସୁବିଧା ପ୍ରଦାନ କରିବ । ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଦ୍ୱାରା ସମ୍ପୃକ୍ତ ଗ୍ରାମର ୨୨୧ ଜଣ ହିତାଧିକାରୀ ଶିଶୁ ଏବଂ ଗର୍ଭବତୀ ଏବଂ ସ୍ତନ୍ୟପାନକାରୀ ମହିଳା ଅତ୍ୟାବଶ୍ୟକ କଲ୍ୟାଣ ସେବାର ସୁବିଧା ପାଇପାରିବେ । ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଉଦଘାଟନ ଦ୍ୱାରା ଜିଲ୍ଲାରେ ମୋଟ ଅଙ୍ଗନୱାଡି କେନ୍ଦ୍ର (ନିଜସ୍ୱ ଗୃହ) ସଂଖ୍ୟା ୨୨୫୦ରେ ପହଞ୍ଚିଛି । ସୂଚନାଯୋଗ୍ୟ ଜିଲ୍ଲାରେ ଏବେ ମୋଟ ୩୩୬୧ ଟି ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ଅଛି । ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶିଶୁମାନଙ୍କର ସାମଗ୍ରିକ ବିକାଶ ଏବଂ ମା'ମାନଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟ ଫଳାଫଳ ସୁନିଶ୍ଚିତ କରିବା ପାଇଁ ଗୁଣାତ୍ମକ ଅଙ୍ଗନୱାଡି ଭିତ୍ତିଭୂମିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଉଦଘାଟନ ଦ୍ୱାରା ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା ଅଧୀନରେ ସେବା ପ୍ରଦାନକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି ।

## ଭୀମକୁଣ୍ଡ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର, ୨୫/୧୨(ନି/ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରୀଆ ପଂଚାୟତ ଅନ୍ତର୍ଗତ ଭୀମକୁଣ୍ଡ ଉଚ୍ଚ ବିଦ୍ୟାଳୟର ପରିସରରେ ୨୦୨୫-୨୦୨୬ର ବାର୍ଷିକ ଉତ୍ସବ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ଭୀମକୁଣ୍ଡ ଉଚ୍ଚ ବିଦ୍ୟାଳୟର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ଡୁମୁରୀଆ ପଂଚାୟତର ସରପଂଚ ଗୌରହରି ନାଏକ ଯୋଗ ଦେଇଥିବା ବେଳେ ଆନନ୍ଦପୁର ଗୋହିରା ଠାରେ ଥିବା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଏବଂ ବିଶିଷ୍ଟ କବି ଅଶୋକ କୁମାର ପୁହାଣ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ । ସମ୍ମାନିତ ଅତିଥିଭ ଭାବେ ଭୀମକୁଣ୍ଡ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଯନାର୍ଦ୍ଦନ ପଲେଇ ଏବଂ ବରିଷ୍ଠ ସାମ୍ବାଦିକ ନୃସିଂ ସିଂହ ସିଂ ଯୋଗଦାନ କରିଥିଲେ । ଏବଂ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ କ୍ରିଡା ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରି କୃତିତ୍ୱ ହାସ ଦାସଲ କରିଥିବା ଉତ୍ସବ ରେ ଛାତ୍ରଛାତ୍ରୀ ମା ମାନଙ୍କୁ ଏହି ବାର୍ଷିକ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ବାର୍ଷିକ ଉତ୍ସବ ରେ କରାଯାଇ ମୂଳ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ ।

## ସିଆରସିସିଙ୍କୁ ବହିଷ୍କାର ଦାବୀ କରି ହାଇସ୍କୁଲ ପ୍ରଧାନ ଶିକ୍ଷକ ସମ୍ମିଳନୀ

ଘଟଗାଁ, ୨୫/୧୨(ନି/ପ୍ର): ସ୍ଥାନୀୟ ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଘଟଗାଁ ବ୍ଲକ ଓଷ୍ଟା ସଂଘ ସଭାପତି ଗୋଲକ ବିହାରୀ ସାହୁ ଙ୍କ ଆହ୍ୱାନ କ୍ରମେ ସିଆରସିସି କମଳା କାନ୍ତ ପଣ୍ଡା ଓ ବିଶ୍ୱ ରଞ୍ଜନ ନାୟକ ଙ୍କ ଦୁର୍ବ୍ୟବହାର ରେ ଅତିଷ୍ଠ ବ୍ଲକ ର ସମସ୍ତ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଥିବା ଜଣାପଡ଼ିଛି । ମୁଁ ଘଟଗାଁ ବି. ଡି . ଓ .ଙ୍କ ଭିଣୋଇ କହି ବ୍ଲକ୍ ର ସମସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଧମକଚମକ ଦେଉ ଥିବାରୁ ଏହାର ପ୍ରତିବାଦ ସମ୍ମିଳନୀ ରେ କରାଯାଇଥିଲା । ଅମ୍ବିକା ହାଇସ୍କୁଲ, ପଣ୍ଡାପଡ଼ା ର ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ସିଆରସିସି ବିଶ୍ୱ ରଞ୍ଜନ ନାୟକ ର ଅଶାଳୀନ ବ୍ୟବହାର ବ୍ଲକ ର ସମସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଙ୍କୁ ବ୍ୟତିବ୍ୟସ୍ତ କରୁଛି । ତୁ ତା ଭାଷାରେ ତୋତେ ଜିଲ୍ଲାପାଳ ଙ୍କୁ ଜଣାଇ ଚାକିରି ଖାଇବାର ଭୟ ଦେଖା ଯାଇଛି । ପଣ୍ଡାପଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ପଣ୍ଡାପଡ଼ା ଥାନାରେ ଲିଖିତ ଏଫଆଇଆର ଦେଇ ଥିଲେ ହେଁ ବିଚାର ହୋଇନି । ଏହାର ପ୍ରତିବାଦ ଓ ଦୃଢ ନିନ୍ଦା ସହ ଏଭଳି ସାଧାରଣ ବ୍ୟବହାର ଜଣା ନ ଥିବା ସିଆରସିସି ଙ୍କୁ କାର୍ଯ୍ୟରୁ ଅନ୍ତର ସାତ ଦିନ ଭିତରେ କରିବାକୁ ଘଟଗାଁ ଓଷ୍ଟା ସଂଘ ତରଫରୁ ଆଜି ଅପରାହ୍ନରେ ଘଟଗାଁ ବି ଇଁ ଓ ଓ ଡି ଇ ଓ କେନ୍ଦୁଝର ଏବଂ ଜିଲ୍ଲା ପାଳ କେନ୍ଦୁଝର ଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।

## କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନନ୍ହିପରୀ ୨୦୨୫

### ୧୦ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର



କେନ୍ଦୁଝର, ୨୫/୧୨(ନି/ପ୍ର): କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୨୫ ଟାଇଟଲ୍ ହାସଲ୍ କରିଛନ୍ତି । କିଟ୍ ଫିଲ୍ମ ଆଣ୍ଡ ଫେସନ ସ୍କୁଲ୍ ପକ୍ଷରୁ ଆୟୋଜିତ 'କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆ' ୨୦୨୫ର ଫାଇନାଲ୍ ତଥା ମେଗା ରାଉଣ୍ଡ ମଙ୍ଗଳବାର ଶେଷ ହୋଇଛି । ଫାଇନାଲ୍ ରାଉଣ୍ଡରେ ସମଗ୍ର ଦେଶରୁ ୯ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ସମୃଦ୍ଧି ନନ୍ହିପରୀ ମୁକୁଟ ସହ ୧୦ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି । ସେମିଫାଇନାଲ୍‌କୁ ୩୫ଜଣ ଉନ୍ନୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ଫାଇନାଲ୍ ରାଉଣ୍ଡକୁ ଉତୀର୍ଣ୍ଣ ହୋଇଥିଲେ । ମଧ୍ୟପ୍ରଦେଶର ପ୍ରାଂଜଳ ଶର୍ମା ପ୍ରଥମ ଉପବିଜେତା ହୋଇଥିବା ବେଳେ ତେଲେଙ୍ଗାନାର ପି ପ୍ରାର୍ଥନୀ ଦ୍ୱିତୀୟ ଉପବିଜେତା ହୋଇଥିଲେ । ଏହି ଦୁଇ ଉପବିଜେତାଙ୍କୁ ଯଥାକ୍ରମେ ୫ ଲକ୍ଷ ଓ ୩ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା । ଫାଇନାଲ୍ ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଉନ୍ନୀର୍ଣ୍ଣ ହେବାକୁ ପଡ଼ିଥିଲା । ଏହି ଅବସରରେ କିଟ୍ ନନ୍ହିପରୀ ମୁଖ୍ୟ ପୃଷ୍ଠପୋଷକ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଫାଇନାଲ୍ ରାଉଣ୍ଡରେ ଫେମିନା ମିସ୍ ଇଣ୍ଡିଆ ୱାଲ୍ଡର୍ ୨୦୨୪ ବିଜେତା ନିକିତା ପରୱାଲ୍, ଫେମିନା ମିସ୍ ଇଣ୍ଡିଆ ୱାଲ୍ଡର୍ ୨୦୨୩ ବିଜେତା ନନ୍ଦିନୀ ଗୁପ୍ତା, ଫେମିନା ମିସ୍ ? ଇଣ୍ଡିଆ ୨୦୨୪ ପ୍ରଥମ ଉପବିଜେତା ରେଖା ପାଣ୍ଡେ, ଅଲିମ୍ପିଆନ୍ ଅମିତ ରୋହିଦାସ, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଡା. ଜୟନ୍ତ କୁମାର ଦାସ ପ୍ରମୁଖ ଜୁରୀ ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ୍ (ସୁନ୍ଦର କେଶ) ପାଇଁ ତ୍ରିଶା ଜୈନ (ରାଜସ୍ଥାନ), ଲିଟିଲ୍ ମିସ୍ ଫଟୋଜେନିକ ପାଇଁ ପ୍ରାଞ୍ଜଳ ଶର୍ମା (ମଧ୍ୟପ୍ରଦେଶ), ଲିଟିଲ୍ ମିସ୍ ସେଲ୍‌ଫି ପାଇଁ (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍ ?) ସୁଦେଷ୍ଣା ଗୁରୁଙ୍ଗ (ସିକିମ), ଲିଟିଲ୍ ମିସ୍ ମୋନାଲିସା ଖୁସାଲୀ ଗୁର୍ଜର (ରାଜସ୍ଥାନ), ଲିଟିଲ୍ ମିସ୍ ଉଇଜ୍‌କିଡ୍ (କୁଇଜ୍‌ରେ ସର୍ବାଧିକ ନମ୍ବର) ଆହାନା ସିଂହ ଚୌହାନ (ଦିଲ୍ଲୀ), ମିସ୍ ସିଣ୍ଡ୍ରେଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ) ଶର୍ମିଷ୍ଠା ସାଇକିଆ (ଆସାମ), ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ) ସମୃଦ୍ଧିତ୍ରିପାଠି (କର୍ଣ୍ଣାଟକ), ମିସ୍ ପର୍ସନାଲିଟି ଜିୟା ନେଭାନୀ (ରାଜସ୍ଥାନ), ମିସ୍ ? ଫେସନ ସ୍ୱର୍ଣ୍ଣିକା ଖୋଲିୟା (ଓଡ଼ିଶା) ଏବଂ ମିସ୍ ଫିଟ୍ ପାଇଁ ଯଶଶ୍ରୀ ସାଗରିକା (ଓଡ଼ିଶା) ପୁରସ୍କୃତ ହୋଇଥିଲେ । ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ୨୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଏଥର ମୋଟ ୫୬ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଥିଲା । ସେଥିରୁ ଟାଇଟଲ୍ ବିଜୟିନୀଙ୍କୁ କିଟ୍ ବିଶ୍ୱବିଦ୍ୟାଳୟରେ ଯେ କୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶତ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୧୮ ଲକ୍ଷ ଟଙ୍କା, ୧୦ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ମୋଟ୨୮ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ପ୍ରଥମ ରନର୍ସ ଅପ୍ ?ଙ୍କୁ ସମୁଦାୟ ପୁରସ୍କାର ରାଶି ୧୪ ଲକ୍ଷ ଥିବା ବେଳେ ୫ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ଏବଂ କିଟ୍ ?ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ କରାଯିବ । ଦ୍ୱିତୀୟ ରନର୍ସଅପ୍ ?ଙ୍କୁ ମୋଟ ପୁରସ୍କାର ରାଶି ୧୨ଲକ୍ଷ ଟଙ୍କା ଥିବା ବେଳେ ୩ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ର ବ୍ୟବସ୍ଥା ରହିଛି । ଅନ୍ୟାନ୍ୟ ବର୍ଗରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।

## ଜିଙ୍ଗଲବେଲର ସାମାଜିକ ଉତରଦାୟିତ୍ୱ



କେନ୍ଦୁଝର, ୨୫/୧୨(ନି/ପ୍ର): କେନ୍ଦୁଝର ପୁରୁଣାସହରର ପ୍ରତିଷ୍ଠିତ ଜିଙ୍ଗଲବେଲ ପ୍ଲେ ସ୍କୁଲ ରେ କୁନି କୁନି ଶିଶୁ ଙ୍କୁ ନିରବିଚ୍ଛିନ୍ନ ଭାବେ ଶିକ୍ଷାଦାନ ଦିଆ ଯିବା ସହିତ ସେମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯାଉଛି, ସବୁ ବର୍ଷପରି ଚଳିତ ବର୍ଷ ମଧ୍ୟ ପ୍ରିନସିପାଲ ଶ୍ରୀମତୀ ସର୍ବାଣି ମହାପାତ୍ର ଙ୍କ ନେତୃତ୍ୱ ରେ କୁନି କୁନି ପିଲାମାନେ ନିକଟସ୍ଥ ଆଦିବାସୀ ବସ୍ତି ପୋଡାଉଆସ, ସୁଲେଇଖମାର ରେ ପିଲାଙ୍କୁ ଶୀତବସ୍ତ୍ର ବଟଂନ କରାଯାଇ ସେମାନଙ୍କ ମୁହଁ ରେ ହସ ଫୁଟାଇବାର ଶତପ୍ରତିଶତ ଚେଷ୍ଟା କରାଯାଇ ସଫଳତା ହାସଲ କରିଛନ୍ତି ଜିଙ୍ଗଲବେଲ ର କୁନି ଛାତ୍ର ଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମ ରେ ଶିକ୍ଷୟତ୍ରୀ ଜୁଲି ପ୍ରଧାନ, ନିବେଦିତା ପଟ୍ଟନାୟକ ସହଯୋଗ କରିଥିଲେ ।

## ସରକାରୀ ମହିଳା ମହାବଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ




କେନ୍ଦୁଝର, ୨୫/୧୨(ନି/ପ୍ର): ସରକାରୀ ମହିଳା ମହାବିଦ୍ୟାଳୟରେ ସୋମବାର ଦିନ ଗଣିତ ବିଭାଗ ତରଫରୁ ଜାତୀୟ ଗଣିତ ଦିବସ ପାଳନ ହୋଇଯାଇଅଛି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଉଦଘାଟନ ହୋଇ ରାମାନୁଜନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରି କିପରି ପିଲା ମାନଙ୍କ ଉପରେ ସିଧାସଳଖ ପ୍ରଭାବ ପକେଇବ ସେ ସଂପର୍କରେ ଉପସ୍ଥାପନ କରିଥିଲେ । ଏହି ଦିବସରେ ଗଣିତ ବିଭାଗର ମୁଖ୍ୟ ପ୍ରଫେସର୍ ଡକ୍ଟର ରାଧାକୃଷ୍ଣ ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ମଚଂ ପରିଚାଳନା କରିଥିଲେ । ଡକ୍ଟର ସାହୁ ରମନୁଜନଙ୍କ ସମିକରଣରେ ଗଣିତର ଅନେକ ଶାଖା ସମ୍ପର୍କରେ ପିଲାମାନଙ୍କୁ ଅବଗତ କରିଥିଲେ । ମହାବିଦ୍ୟାଳୟର ଅନ୍ୟତମ ପ୍ରାଧାପକ ରାସାୟନିକ ବିଜ୍ଞାନ ମୁଖ୍ୟ ତଥା ଶିକ୍ଷାର୍ଥୀକ ଅଧିକାରୀ ପ୍ରଫେସର୍ ଡକ୍ଟର ବିଷ୍ଣୁ ଚରଣ ଦାସ ଯୋଗଦେଇ ରାମାନୁଜନଙ୍କର ପ୍ରସିଦ୍ଧ ସମୀକରଣ ବାବଦରେ ଉପସ୍ଥାପନ କରିବା ସହ ଆଧୁନିକ କମ୍ପ୍ୟୁଟର ଗଣନାରେ ଏହାର ବଡ଼ ଭୂମିକା ରହିଛି ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଶିକ୍ଷ୍ୟା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଗାୟତ୍ରୀ ମହାରଣା ଯୋଗ ଦେବା ସହ ରାମାନୁଜନଙ୍କ କାର୍ଯ୍ୟ ସହ ସମ୍ପର୍କିତ ସାଧରଣିକୃତ ଇନ୍ ଭର୍ସ ର ପ୍ରୟୋଗ ସମ୍ପର୍କରେ ସ୍ଲାଇଡ୍ ମାଧମରେ ଉପସ୍ଥାପନ କରିଥିଲେ । ଏଥି ସହିତ ପିଲାମାନଙ୍କର ଏ ସମ୍ବନ୍ଧରେ ଥିବା ବିଭିନ୍ନ ପ୍ରଶ୍ନକୁ ସହଜରେ ଉନ୍ନର ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର୍ ଜ୍ୟୋତିରଂଜନ ଜେନା ସାଂପ୍ରତିକ ସମୟରେ ଦୈନନ୍ଦିନ ଜୀବନରେ ଗଣିତର ବ୍ୟବହାର ଓ ଏହାର ସୋନ୍ଦର୍ଯ୍ୟତା ସମ୍ପର୍କରେ ପିଲାମାନଙ୍କୁ କହିଥିଲେ । ଅନ୍ୟତମ ପଦାର୍ଥ ବିଜ୍ଞାନର ଅଧାପକ ପ୍ରଫେସର୍ ଡକ୍ଟର ସଞ୍ଜୟ କୁମାର ବେହେରା ସାଂପ୍ରତିକ ସମୟରେ ଗଣିତର ଗୁରୁତ୍ୱ ଓ ମହନ୍ତ ସମ୍ପର୍କରେ ପିଲାମାନଙ୍କୁ ସୂଚାଇଥିଲେ । ବିଭାଗର ୨୦୨୪-୨୫ ଶିକ୍ଷା ବର୍ଷର ଶ୍ରେଷ୍ଠ ଶିକ୍ଷାର୍ଥୀ ସମ୍ମାନ ତୁଳସୀ ମହାନ୍ତ ଓ ଶ୍ରେଷ୍ଠ ସଫଳତା ପୁରସ୍କାର ତପସ୍ୱିନୀ ମୁଣ୍ଡାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଗଣିତ ଦିବସରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ, ଅଧାପକ ଅଧାପିକାମାନେ ଓ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ । ଏହି ଦିବସରେ ବିଭାଗର ଅନ୍ୟତମ ଅଧାପକ ପ୍ରଳୟ କୁମାର ଦାସଅଧିକାରୀ, ଅଧାପିକା ପ୍ରିୟଙ୍କା ଜେନା, ଅନ୍ୟତମ ମୁଖ୍ୟ କର୍ମୀ କମଳ ଲୋଚନ ପାତ୍ର ପ୍ରମୁଖ କାର୍ଯ୍ୟରେ ସହଯୋଗ କରିଥିଲେ । ପରିଶେଷରେ ବିଭାଗର ଅନ୍ୟତମ ପ୍ରମୁଖ ଅଧାପକ ସତ୍ୟବ୍ରତ ପୁଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଶାସନ ଅଭ୍ୟାସ ସମ୍ପର୍କିତ କର୍ମଶାଳା

ଖୋର୍ଦ୍ଧା, ୨୫/୧୨(ନି/ପ୍ର): ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଜିଲ୍ଲାରେ ସୁଶାସନ ଅଭ୍ୟାସ ଉପରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ବରିଷ୍ଠ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଶାସନ ବ୍ୟବସ୍ଥାର ସରଳୀକରଣ ସେବା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଅତୀତକୁ ମନେପକାଇ ସମସ୍ତ ସେବା ପ୍ରକୃତ ହିତାଧିକାରୀ ମାନଙ୍କୁ ସରକାରଙ୍କର ନୀତିନିୟମ ଭିତିରେ ଏବଂ ଅନୁଧ୍ୟାନ କରି ନୈତିକ ଚେତନା ଓ ମୂଲ୍ୟବୋଧ ଭିତିରେ ସେବା ଯୋଗାଇଲେ ସୁଶାସନ ସେବା ପାଇବାରେ ଜନସାଧାରଣ ଉପକୃତ ହେବେ । ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ମାନେ ଆମେ ବାହାର ଲୋକ ମାନଙ୍କ ପାଇଁ ଚାକିରି କରୁଛେ ବୋଲି ଚିନ୍ତନ ଆଣି କର୍ତବ୍ୟ ପରାୟଣ ହୋଇ ସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇ ଆମ ସମସ୍ତଙ୍କ ଦାୟିତ୍ୱ ସ୍ୱଚ୍ଛତା ଓ ଉତରଦାୟିତ୍ୱକୁ ଅକ୍ଷୁର୍ଣ୍ଣ ରଖି ସେବା ପ୍ରଦାନ କରିବା ବୋଲି କହିଥିଲେ । ଗୋପବନ୍ଧୁ ଅନ୍ୟପାଇଁ ସେବାକରି ଆଜି ଅମର ହୋଇ ରହିଛନ୍ତି । ଏଣୁ ସେବା ମନୋବୃତି ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନେ ରଖିବା ଆବଶ୍ୟକ ବୋଲି ସୁଶାସନ ଦିବସ ତାହାହିଁ ଆମକୁ ଶିକ୍ଷା ଦେଉଛି ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ, ଭୁବନେଶ୍ୱର, ଆସୋଷିଏଟ ପ୍ରଫେସର, ଅର୍ଥ ଶାସ୍ତ୍ର, ଡ.ଦୁଖବନ୍ଧୁ ସାହୁ ଯୋଗଦେଇ କହିଲେ, ଜିଲ୍ଲାର ଅର୍ଥନୀତି ବିକାଶ ଓ ସମୃଦ୍ଧ ଦିଗରେ ସୁଶାସନ ବ୍ୟବସ୍ଥା ଅଭ୍ୟାସ ଏକ ଚିରସ୍ଥାୟୀ ଅଙ୍ଗ । ପ୍ରତିଷ୍ଠିତ ଖୋର୍ଦ୍ଧା ଜିଲ୍ଲା ସୀମା ବନ୍ଧରେ ଭୁବନେଶ୍ୱର ରାଜଧାନୀ ଅଛି । ଏଣୁ ସୁଶାସନ ବ୍ୟବସ୍ଥା ଉନ୍ନତ ସମାଜ, ଜିଲ୍ଲା, ରାଜ୍ୟ ଓ ରାଷ୍ଟ୍ର ପାଇଁ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ସରକାରଙ୍କର ସମସ୍ତ ଯୋଜନାର ସୁଫଳ ପାଇଁ ସୁଶାସନ ବ୍ୟବସ୍ଥାରେ ସମସ୍ତେ ଅଂଶଗ୍ରହଣ କରି ଉନ୍ନତିର ଧାରା ବଜାୟ ରଖିବା, ଗୋଷ୍ଠୀ ମାନଙ୍କୁ ଦକ୍ଷତା ବୃଦ୍ଧି କରିବା ଏବଂ ଖୋର୍ଦ୍ଧାର ଯେତେ ସବୁ ମୁଖ୍ୟ ବିଭାଗ ଅଛି ତାହାର ବିକାଶ କରି ଜିଲ୍ଲାର ସମସ୍ତ ଅଧିକାରୀ କର୍ମଚାରୀ ସୁଶାସନ ବ୍ୟବସ୍ଥାକୁ କ୍ରିୟାଶୀଳ କରି ବିକଶିତ ଭାରତ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ । ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା କହିଲେ, ଖୋର୍ଦ୍ଧାର ଐତିହ୍ୟ ସଂସ୍କୃତି ପରମ୍ପରା ମହାନ, ଜିଲ୍ଲାର ସମସ୍ତ ଅପହଂଚ ଦୂରରେ ବିକାଶର ବାର୍ତା ତଥା ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା, ହିତାଧିକାରୀ ମାନଙ୍କୁ ସରକାରଙ୍କର ଓ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ସୁଶାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ପ୍ରକାଶ କରିଥିଲେ । ବର୍ତମାନ ଓସ୍ୱାସ ମାଧ୍ୟମରେ ନଥି କାର୍ଯ୍ୟ କରାଯାଇଅଛି କ୍ଷ ଖୋର୍ଦ୍ଧା ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ସମସ୍ତ କାର୍ଯ୍ୟକ୍ରମ ଚାଲୁରହିଛି କ୍ଷ ଏଣୁ ସମସ୍ତ ଜନସାଧାରଣଙ୍କୁ ସୁଶାସନ ବ୍ୟବସ୍ଥାରେ ସାମିଲ କରି ଜିଲ୍ଲାକୁ ଆଗେଇ ନେବାକୁ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ସେହିପରି ଜିଲ୍ଲା ସମାଜ ସୁରକ୍ଷା ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ବନଖଣ୍ଡ ବିଭାଗ, ଜିଲ୍ଲା ଶିଳ୍ପ କେନ୍ଦ୍ର ଆଦି ବିଭାଗର ଅଧିକାରୀ ମାନେ ପାୱାର ପଏଂଟ ଉପକରଣରେ ନିଜ ନିଜ ବିଭାଗୀୟ ସୁଶାସନ ସପ୍ତାହ ପାଳନ ଉପଲକ୍ଷେ ସେବା ପ୍ରଦାନ କରୁଥିବା ଯୋଜନା, ଧାରା, ସେବାର ଗୁଣବତା ଉପରେ ଆଲୋଚନା କରିଥିବା ବେଳେ ଶେଷରେ ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଡି ଇ ଜି ଏମ ମାନସ କୁମାର ବ୍ରହ୍ମା, ଡେପୁଟୀ କଲେକ୍ଟର, ରଞ୍ଜନ କୁମାର ମହାନ୍ତି, ଆସିଷ୍ଟାଂଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଡେପୁଟୀ କଲେକ୍ଟର, ମନୋଜ କୁମାର ସେନାପତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଣୀଶ୍ରୀ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ପୌର ପରିଷଦ ଖୋର୍ଦ୍ଧା, ରିଜ୍ୱାନ୍ କାଜ୍ୱାବ୍, ସାଧାରଣ ପରିଚାଳିକା, ଜିଲ୍ଲା ଶିଳ୍ପ କେନ୍ଦ୍ର, ଖୋର୍ଦ୍ଧା ସମୁଚିତା ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମସ୍ତ ବରିଷ୍ଠ ଓ କନିଷ୍ଠ ସହାୟକ ସହାୟିକା ଯୋଗଦେଇଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ଉପଢ଼ୌକନ ଚାରା କୁଣ୍ଡ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା

## ଧାମନଗରରେ ପ୍ରଧାନଶିକ୍ଷକ ମେଧା ସମ୍ମିଳନୀରେ ପ୍ରଶାସନ ସାମ୍ବାଦିକଙ୍କୁ ଅଣଦେଖା

ଭଦ୍ରକ, ୨୫/୧୨(ନି/ପ୍ର): ଏହି ଜିଲାର ଧାମନଗରରେ ଅନୁଷ୍ଠିତ ହୋଇଥିବା ପ୍ରଧାନ ଶିକ୍ଷକ ମେଧା ସମ୍ମାନ ସମ୍ମିଳନୀ ଏକ ସଫଳ ସରକାରୀ କାର୍ଯ୍ୟକ୍ରମ ହୋଇଥାଇପାରେ । କିନ୍ତୁ ଏହା ଭଦ୍ରକ ଜିଲ୍ଲା ଗଣମାଧ୍ୟମ ପ୍ରତିନିଧିଙ୍କ ମନରେ ଏକ ଗଭୀର ଆଘାତ ଦେଇଛି । ଯେଉଁ ସାମ୍ବାଦିକମାନେ ଦିନରାତି ଏକ କରି ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଂଚାଇ ଥାଆନ୍ତି । ସେମାନଙ୍କୁ ସରକାରୀ କାର୍ଯ୍ୟକ୍ରମରେ 'ଅଲୋଡ଼ା' ଭଳି ବ୍ୟବହାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସାମ୍ବାଦିକଙ୍କ ପାଇଁ ଶେଷ ଧାଡ଼ି କାହିଁକି । କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରି ସାମ୍ବାଦିକଙ୍କୁ ମିଟିଂ ହଲ ରେ ଶେଷ ଧାଡ଼ିରେ ବସିବାକୁ କହିବା କେବଳ ଜଣେ ବ୍ୟକ୍ତିଙ୍କୁ ନୁହେଁ, ବରଂ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଅସମ୍ମାନ । ଖବର ସଂଗ୍ରହ ପାଇଁ ଆସିଥିବା ପ୍ରତିନିଧିଙ୍କୁ ସର୍ବନିମ୍ନ ସୌଜନ୍ୟତା ପ୍ରଦାନ ନକରିବା ପ୍ରଶାସନର କେଉଁ ମନୋଭାବକୁ ଦର୍ଶାଉଛି । ଉପହାର ରେ ବି ଭେଦଭାବ । ଶିକ୍ଷକମାନଙ୍କୁ ସମ୍ମାନିତ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ସେଠାରେ ଉପସ୍ଥିତ ଥିବା ୧୦ ରୁ ୧୫ ଜଣ ସାମ୍ବାଦିକମାନଙ୍କୁ ଅଣଦେଖା କରିବା କେତେଦୂର ନ୍ୟାୟସଙ୍ଗତ । ଏହା କ'ଣ ସାମ୍ବାଦିକମାନଙ୍କୁ ନିର୍ଯାତିତ କରିବାର ଏକ ନୂଆ ଶୈଳୀ । ସେଠାରେ ମନ୍ତ୍ରୀ ଓ ଜିଲ୍ଲାପାଳ ଥିବା ପର୍ଯ୍ୟନ୍ତ ସଭାରେ ଗହଳି ରହିବା ଏବଂ ସେମାନେ ଯିବା ପରେ ପ୍ରଧାନ ଶିକ୍ଷକମାନେ ଜଣ ଜଣ କରି ଖସିଯିବା, ପ୍ରଶାସନିକ ଶୃଙ୍ଖଳା ଉପରେ ଏକ ବଡ଼ ପ୍ରଶ୍ନବାଚୀ । ଏହା କ'ଣ କେବଳ ଏକ ଫଟୋ ଉଠାଇବା ପାଇଁ ଆୟୋଜିତ କାର୍ଯ୍ୟକ୍ରମ ଥିଲା । ଭଦ୍ରକ ଜିଲ୍ଲାର ସାମ୍ବାଦିକମାନେ ଯେଉଁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତାହା କେବଳ ଏକ କାର୍ଯ୍ୟକ୍ରମର ଘଟଣା ନୁହେଁ । ଏହା ସରକାରୀ ବ୍ୟବସ୍ଥାରେ ସାମ୍ବାଦିକଙ୍କ ପ୍ରତି ବଢୁଥିବା ଅବହେଳାର ଏକ ପ୍ରତିଛବି । ବଡ ଦୁଃଖର କଥା ଜିଲ୍ଲା ତଥା ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରହି ସମାଜ ପାଇଁ ଦିଗ ଦର୍ଷନ ଦେଉଥିବା ବେଳେ ଯାହାକି ସମାଜ ପାଇଁ ଗୁରୁତ୍ୱ ପୂର୍ଣ୍ଣ ଏବଂ ତାହାକୁ ସାମ୍ବାଦିକ ମାନେ ପ୍ରକାଶ କରିବା ପାଇଁ ଠିଆ ହୋଇ ରହିବା ନିଶ୍ଚିତ ଦୁଃଖ ଦାୟକ । ଏ ଦିଗରେ ଜିଲ୍ଲା ପ୍ରଶାସନ ଆତ୍ମ ଚିନ୍ତନ ର ଆବଶ୍ୟକତା ରହିଛି ।







# ଓଡ଼ିଶାର ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ: ଧର୍ମେନ୍ଦ୍ର




ସମ୍ବଲପୁର,୨୫/୧୨(ନି/ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସମ୍ବଲପୁର ରେଳ ଡିଭିଜନର 'ଡିଭିଜନାଲ ବୈଠକ'ରେ ଆଜି ଓଡ଼ିଶାର ପଶ୍ଚିମାଂଚଳ ଓ ପଡ଼ୋଶୀ ଛତିଶଗଡ଼ର ଲୋକସଭା ସାଂସଦମାନଙ୍କ ଉପସ୍ଥିତିରେ ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଏବଂ ଛତିଶଗଡ଼ର ସାଂସଦମାନେ ଯୋଗଦେଇ ଅଚଂଳର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ଏହି ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର, ତାଳଚେର-ବିମଳାଗଡ଼, ଜରପଡ଼ା-ସମ୍ବଲପୁର ଏବଂ ଶାସନ-ଝାରସୁଗୁଡ଼ା ତୃତୀୟ ଓ ଚତୁର୍ଥ ଲାଇନ କାର୍ଯ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏହି ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଚର୍ଚ୍ଚା ହୋଇଛି । ବରଗଡ଼-ନୂଆପଡ଼ା, ଝାରସୁଗୁଡ଼ା-ବାରକୋଟ ଏବଂ ଏମସିଏଲ ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରାଥମିକତା ପ୍ରଦାନ କରାଯାଇଛି । ଓଡ଼ିଶାର ପଶ୍ଚିମାଂଚଳରୁ ବିଶାଖାପାଟଣା, ରାୟପୁର, ରାଚିଂ ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଅଧିକ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରାଇବା ପାଇଁ ଦାବି ଏବଂ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଛି । ଯାତ୍ରୀସେବାରେ ଉନ୍ନତି ଆଣିବା ପାଇଁ 'ଅମୃତ ଷ୍ଟେସନ' ଯୋଜନା ଅନ୍ତର୍ଗତ ସମ୍ବଲପୁର ସମେତ ଅନ୍ୟାନ୍ୟ ରେଳ ଷ୍ଟେସନଗୁଡ଼ିକର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟକୁ ଆଗେଇ ନେବା ଦିଗରେ ମଧ୍ୟ ଚର୍ଚ୍ଚା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନେତୃତ୍ୱରେ ଓଡ଼ିଶାର ରେଳ କ୍ଷେତ୍ରକୁ ବିଶେଷ ଅଗ୍ରାଧିକାର ମିଳୁଛି । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତମ ସମନ୍ୱୟ କାରଣରୁ ବହୁ ବର୍ଷରୁ ଅଟକି ରହିଥିବା ପ୍ରକଳ୍ପଗୁଡ଼ିକ ଏବେ ଗତିଶୀଳ ହେବାରେ ଲାଗିଛି । ଆଜି ବୈଠକ ଓଡ଼ିଶାର ପଶ୍ଚିମାଂଚଳର ଅର୍ଥନୈତିକ ଓ ସାମାଜିକ ବିକାଶରେ ରେଳବାଇର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।




ଯୁବ ଉଦୟନ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଉଦଘାଟିତ

# ସାଲେପାଲି ଗ୍ରାଫାଇଟ ଖଣି ନିଲାମ ପ୍ରତିବାଦରେ ପୁଣି ଏକତ୍ରିତ ହେଲେ ଅଂଚଳବାସୀ

ବଲାଙ୍ଗିର,୨୫/୧୨(ନି/ପ୍ର):ରାଜ୍ୟ ସରକାର କିଛି ଦିନ ତଳେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକକୁ ତାମିଲନାଡୁର ଭିନମୀର ରିଶୋର୍ସ ପ୍ରାଇଭେଟ ଲିମିଟେଡ଼ କମ୍ପାନୀକୁ ନିଲାମ ଦେଇ ଥିବା ଖବର ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଅଂଚଳବାସୀ ତାତି ଉଠିଥିଲେ ।ଗାଁ ଗାଁ ରେ ମେଳି ବାନ୍ଧିଥିଲେ । ଗତ ଜୁନ ୨୩ ତାରିଖରେ ଜନମ ମାଏଟ ବଚାଓ ସଂଘର୍ଷ ସମିତି ଆହ୍ୱାନରେ ପାଟଣାଗଡ଼ ଠାରେ ଏର୍କ୍ୱିଶାଲ ରେଲି କରି ଉପଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଗତ ବିଧାନସଭା ଶୀତ ଅଧିବେଶନରେ ମଧ୍ୟ ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକ ଖଣି ଖନନ କଥା ଗୃହରେ ଆଲୋଚନା ହୋଇଥିଲା । ଖଣି ଖନନ ବିଷୟରେ ସ୍ଥାନୀୟ ପ୍ରଶାସନ ଏବଂ ରାଜନେତାଙ୍କୁ ସ୍ୱଷ୍ଟୀକରଣ ମାଗିଲେ କେହି ସନ୍ତୋଷ ଜନକ ଉତ୍ତର ଦେଉ ନାହାନ୍ତି । ଖଣି ଖନନ ବିଷୟ ବିଭିନ୍ନ ଗଣମାଧ୍ୟମରେ ଓ ବିଧାନସଭାରେ ପ୍ରସାରଣ ହେଲାପରେ ମଧ୍ୟ ଜନସାଧାରଣଙ୍କୁ ଆନ୍ଧୁଆଳରେ ରଖିଛନ୍ତି । ଦିନକୁ ଦିନ ଜନସାଧାରଣଙ୍କ ମନରେ ଭୟ ଏବଂ ଆତଙ୍କ ଖେଳି ଯାଉଛି । ଖଣି ଖନନ ହେଲେ ଅଂଚଳ ପୁରା ଦୂଷିତ ହେଇଯିବ, ଜଳବାୟୁ ପରିବର୍ତନ ହେଇଯିବ, ଜଳ ସ୍ତର କମିବା ସହିତ ଜଳ ଜହର ହେଇଯିବ, ଜୀବଜନ୍ତୁ ଉପରେ କୁପ୍ରଭାବ ପଡ଼ିବ, ମଣିଷ ସମାଜ ଉପରେ କୁପ୍ରଭାବ ପଡ଼ିବ, ମାନବ ସମାଜ କୁ ବିଭିନ୍ନ ରୋଗ ଆକ୍ରାନ୍ତ କରିବ, ଚାଷୀ ଓ ଚାଷ ପ୍ରତି କୁପ୍ରଭାବ ପଡ଼ିବ, ସାମାଜିକ କ୍ଷେତ୍ରରେ ପ୍ରଭାବ ପଡ଼ି ଭାଇଚାରା ନଷ୍ଟ ହେବ, ଏହାର କୁପ୍ରଭାବରେ ଲୋକେ ବାଧ୍ୟ ହୋଇ ଭିଟାମାଟି ହରେଇବେ, ଗାଁ ଗାଁ ମଧ୍ୟରେ ସୁସମ୍ପର୍କ ବିଲୋପ ପାଇଯିବ, ସଂସ୍କୃତି, ପରମ୍ପରା, ଯାନିଯାତ୍ରା ଉପରେ ପ୍ରଭାବ ପଡ଼ିବ ବୋଲି ଜନସାଧାରଣ ଏହାକୁ ଦୃଢ଼ ବିରୋଧ କରୁଛନ୍ତି । ଯଦି ସରକାରର ଏ ଅଂଚଳ ପ୍ରତି ଆନ୍ତରିକତା ଅଛି ତାହେଲେ ସୁତା କଳକାରଖାନା ପ୍ରତିଷ୍ଠା, ବିଡ଼ି ତିଆରି କାରଖାନା, ଚିନି କଳ କାରଖାନା, ଆମ୍ବ ଜୁସ କାରଖାନା, ତରଭୁଜ ଜୁସ କାରଖାନା, ଟମାଟୋ ସସ କାରଖାନା, ବିଭିନ୍ନ ଲଘୁ ବନ୍ୟ ଜାତ କାରଖାନା ପ୍ରତିଷ୍ଠା କରନ୍ତୁ ବୋଲି ଜନସାଧାରଣରେ ପ୍ରଶ୍ନ ଉଠୁଛି । ଛୋଟ ଛୋଟ କଳ କାରଖାନା ପ୍ରତିଷ୍ଠା କଲେ ଏଠାରେ କିଛି ମାତ୍ରାରେ ଦାଦନ ସମସ୍ୟା, ବେକାରୀ ସମସ୍ୟା ଦୂର ହେଇପାରେ । ଜନସାଧାରଣଙ୍କୁ ଜଳାଞ୍ଜଳି ଦେଇ କେବଳ ସରକାର ପୁଞ୍ଜିପତି ମାନଙ୍କ ପାଇଁ କାମ କରୁଛନ୍ତି ବୋଲି ପ୍ରଶ୍ନ ଉଠୁଛି । ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକ ଖଣି ଖନନ ବିଷୟରେ ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ଏବଂ ବଲାଙ୍ଗୀର ଲୋକସଭା ସାଂସଦ ସ୍ୱଷ୍ଟୀକରଣ ରଖନ୍ତୁ ବୋଲି ସଭାରେ ଆହ୍ୱାନ ଦେଇଥିଲେ ସଂଗ୍ରାମୀ ମାନେ ।ଆଜି ବଞ୍ଜାରୀ ଠାରେ ଜନମ ମାଏଟ ବଚାଓ ସଂଘର୍ଷ ସମିତି ଆହୁତ ଚିନ୍ତନ ବୈଠକରେ ପ୍ରକାଶ ସାହୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ପରିବେଶବିତ ନୋବେଲ ପରିବେଶ ବିଜେତା ପ୍ରଫୁଲ୍ଲ ସାମନ୍ତରାୟ, ଲୋୟର ଶୁକତେଲ ସଂଗ୍ରାମ ସମିତିର ସତ୍ୟ ବନଛୋର, ଜିନ୍ଦାବାଦ ସଂଗଠନର ତ୍ରିଲୋଚନ ପୁଞ୍ଜି, ବଥର୍ଲା ସରପଂଚ କବିତାଞ୍ଜଳୀ ସାହୁ, ରାଜୀବ ସାହୁ, ପ୍ରଶାନ୍ତ ପାଢ଼ୀ, ଗନ୍ଧର୍ବ ସୁନା, ଗଙ୍ଗାଧର ସାହୁ, ବଂଶୀଧର ମେହେର ପ୍ରମୁଖ ଉଦବୋଧନ ଦେଇଥିଲେ ।

# ନିଆଁ ଲାଗି ହୋଟେଲ ମାଲିକଙ୍କ ସମେତ ସ୍ତ୍ରୀ ଗୁରୁତର



ଝାରସୁଗୁଡ଼ା,୨୫/୧୨(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ସଦର ମହକୁମାରେ ଥିବା ପ୍ରସିଦ୍ଧ ପେଡା ବ୍ୟବସାୟୀ ହୋଟେଲ ଶକୁନ୍ତଳାର ମାଲିକ ସୁରେନ୍ଦ୍ର ଟଣ୍ଡକାରଙ୍କ ସମେତ ସ୍ତ୍ରୀ ନିଆଁ ଲାଗି ଯିବାରୁ ପୋଡ଼ି ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଆଜି ଭୋର ପ୍ରାୟ ୪ ଟା ବେଳକୁ ହୋଟେଲରେ ଥିବା କିଚେନରେ ପ୍ରତିଦିନ ପରି ମାଲିକାଣୀ ପୁଷ୍ପାଞ୍ଜଳି ପହଚିଂ ରୋଷେଇ ଆରମ୍ଭ ପାଇଁ ଗ୍ୟାସ ଚୁଲା ଜଳାଇ ଥିଲେ । ତେବେ ଗ୍ୟାସ ଲିକ୍ ଥିବାରୁ ତାଙ୍କ ଦେହରେ ନିଆଁ ଲାଗି ଯାଇ ପୋଡ଼ି ଯାଇଥିଲେ । ନିଆଁ ଲିଭେଇବା ସହ ସ୍ତ୍ରୀଙ୍କୁ ରକ୍ଷା କରିବା ପାଇଁ ସ୍ୱାମୀ ସୁରେନ୍ଦ୍ର ଚେଷ୍ଟା କରିଥିଲେ । ତେବେ ନିଆଁକୁ ଆୟତ୍ତ କରିନପାରି ସେ ନିଜେ ପୋଡ଼ି ଯାଇଥିଲେ । ଗୁରୁତର ଦମ୍ପତିଙ୍କୁ ପରିବାର ଲୋକେ ତୁରନ୍ତ ଉଦ୍ଧାର କରି ରାଉରକେଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଯିବା ଜଣାପଡିଛି । ଉଭୟଙ୍କ ଅବସ୍ଥା ସଂକଟାପନ୍ନ ରହିଛି ।

# ବଲାଙ୍ଗିର ମଟେସୋରୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବଲାଙ୍ଗିର,୨୫/୧୨(ନି/ପ୍ର): ମାଲପଡା ସ୍ଥିତ ମଂଟେସୋରୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସ୍ଥାନୀୟ ରେନ୍‌ବୋ ପେଲେସ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଅଧ୍ୟକ୍ଷ ରବିଚନ୍ଦ୍ର ଉଦ୍‌ଗାତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲ, ପୌରାଧ୍ୟକ୍ଷା ଲିକା ସାହୁ ଓ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ପିଜି କାଉନସିଲ ଚେୟାରମେନ ଡ. ପ୍ରତାପ କୁମାର ଦାଶ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଛାତ୍ର ଛାତ୍ରୀ, ଶିକ୍ଷା ଗ୍ରହଣ କରିବା ସହିତ ନୃତ୍ୟ, ଅଙ୍କନ, ସୃଜନଶୀଳତାରେ ସଂସ୍କୃତି ସମ୍ପନ୍ନ ହେବାକୁ ଉଦ୍‌ବୋଧନ ଦେଇଥିଲେ । ମଂଟାସୋରୀ ପ୍ରାଇମେରୀ ସ୍କୁଲର ମୁଖ୍ୟ ଅଭିସ୍ମିତା ଦାଶ ପ୍ରାରମ୍ଭିକ ଭାଷଣ ଦେଇଥିବା ବେଳେ ସ୍କୁଲର ଚେୟାରମେନ ବିରେନ୍ଦ୍ର ନାରାୟଣ ଉଦ୍‌ଗାତା ବିବରଣୀ ପାଠ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ଅଟଳ ଦାଶ, ମେଡିକାଲ ରେ ସଫଳତା ପାଇଥିବା ମଂଟାସୋରୀ ର ପୁରାତନ ଛାତ୍ର ଛାତ୍ରୀ ଅନୁଷ୍କା ନାୟକ, ଅଙ୍କିତା ପଣ୍ଡା ଏବଂ ସଫ୍ଟୱେର ଇଞ୍ଜିନିୟର (ଚିନ୍ନାଇ) ସୟଦ ହସନାନ ଅଲ୍ଲୀ ପ୍ରମୁଖ ୪ ଜଣଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ପ୍ରତ୍ୟେକ ଶ୍ରେଣୀ ମେଧାବୀ ଛାତ୍ର ଛାତ୍ରୀ ଓ ବର୍ଷର ସର୍ବାଧିକ ଉପସ୍ଥାନ ପାଇଁ ଶ୍ରେଷ୍ଠ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ବାର୍ଷିକ ଉତ୍ସବ ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଫୁଡ ଫେଷ୍ଟିଭାଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଶେଖ ନାଜିବୁଲ ରାଜା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଙ୍କିତା ମେହେର, ସୁପ୍ରଭାରାଣୀ ଭୋଇ ଓ ମେହେକ କ୍ୟୁରେସିଙ୍କ ଗ୍ରୁପ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସ୍ମିତି ଉଦ୍‌ଗାତା ତୃତୀୟ ପୁରସ୍କାର ହାସଲ କରିଥିଲେ । ବାର୍ଷିକ ଉତ୍ସବ ପାଇଁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତ, ସମାଜସେବୀ ଆକୁଳ ବେହେରାଙ୍କ ସମେତେ ସହରର ବୁଦ୍ଧିଜିବୀମାନେ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ସ୍କୁଲର ଟ୍ରଷ୍ଟି ସଂଯୁକ୍ତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଉପଖଣ୍ଡ ଚିକିତ୍ସାଳୟରେ ବିରଳ ସଫଳ ଅସ୍ତ୍ରୋପଚାର: ଆଣ୍ଠୁରୁ ବାହାରିଲା ସାଇକେଲ ବ୍ରେକ୍ ଖଣ୍ଡ



ରାଇରଙ୍ଗପୁର,୨୫/୧୨(ନି/ପ୍ର): ଏକ ବିରଳ ଅସ୍ତ୍ରୋପଚାର ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ସମ୍ପନ୍ନ ହୋଇଛି । ଆଣ୍ଠୁ ଭିତରୁ ଅସ୍ତ୍ରୋପଚାର କରି ବାହାର କରାଯାଇଛି ସାଇକେଲର ବ୍ରେକ ଖଣ୍ଡ । ତୁରନ୍ତ ଅସ୍ତ୍ରୋପଚାର ଯୋଗୁ ନାବାଳକ ବିପଦମୁକ୍ତ ହୋଇଛନ୍ତି । ଡାକ୍ତରଙ୍କ ସଫଳ ସର୍ଜରୀ ପାଇଁ ନାବାଳକ ବଡ ବିପଦରୁ ବର୍ତିଛନ୍ତି । ଉପଖଣ୍ଡ ଅର୍ଥପେଡିକ୍ ବିଭାଗର ଜଣେ ଡାକ୍ତର ଅସ୍ତ୍ରୋପଚାର କରି ଆଣ୍ଠୁ ଭିତରୁ ସାଇକେଲ ବ୍ରେକ ଖଣ୍ଡ ବାହାର କରିଛନ୍ତି । ସୂଚନା ଅନୁଯାୟୀ, ରାଇରଙ୍ଗପୁର ଗ୍ରାମାଂଚଳ ଥାନା ଅନ୍ତର୍ଗତ ଉପରବେଡା ଗ୍ରା.ପ ଦୁବଲାବେଡା ଗ୍ରାମର ରତିରଞ୍ଜନ ମହାନ୍ତଙ୍କ ପୁଅ ସୌମ୍ୟ ଶିବଜିତ ମହାନ୍ତ(୧୪) ସାଇକେଲ ଚଳାଉଥିବା ବେଳେ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇଥିଲେ । ଫଳରେ ସାଇକେଲ ବ୍ରେକ ଖଣ୍ଡଟି ଭାଙ୍ଗି ଯାଇ ତାଙ୍କ ଡାହାଣ ଗୋଡ଼ ଆଣ୍ଠୁରେ ପଶି ଯାଇଥିଲା । ମାଂସପେଶୀକୁ ଭେଦ କରି ଆଣ୍ଠୁ ଚକି ଭିତରେ ପଶି ରହି ଯାଇଥିଲା । ଏହାସହିତ ୨/୩ଟି ରକ୍ତ ପ୍ରଶିରା କଟିଯାଇ ପ୍ରଚୁର ରକ୍ତସ୍ରାବ ହେଉଥିଲା । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତି କରିଥିଲେ । ଦାୟିତ୍ୱରେ ଥିବା ଅସ୍ଥିଶଲ୍ୟ ବିଭାଗର ଡ଼ାକ୍ତର ଜୟଦେବ ପ୍ରଧାନ ସ୍ୱାସ୍ଥ୍ୟ ଯାଂଚ କରି ଆଣ୍ଠୁରେ ଏକ୍ସରେ କରିଥିଲେ । ରିପୋର୍ଟରୁ ଘଟଣା ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିଥିଲେ । ବ୍ରେକ ଖଣ୍ଡଟି ଭିତରେ ରହିଥିବା ବେଳେ ଗୋଡ଼ ଚଳପ୍ରଚଳ ହୋଇ ପାରୁ ନଥିଲା । ଅବସ୍ଥା ଗୁରୁତର ଥିବାରୁ ଏସଡିଏମଓ ଡାକ୍ତର ରବୀନ୍ଦ୍ର କୁମାର ମାର୍ଣ୍ଡିଙ୍କୁ ଜଣାଇଥିଲେ । ତାଙ୍କ ନିର୍ଦ୍ଦେଶକ୍ରମେ ଏବଂ ମହିଳା ଓ ପ୍ରସୂତି ବିଭାଗ ଡା. ପ୍ରମୋଦ ସାହୁଙ୍କ ସହଯୋଗ ଯୋଗୁ ପ୍ରସୂତି ବିଭାଗ ଓଟିରେ ଅସ୍ତ୍ରୋପଚାର କରାଯାଇଥିଲା । ଡାକ୍ତର ଅଂଶୁମାନ ଦାସ ଓ ଅସ୍ଥିଶଲ୍ୟ ଡାକ୍ତର ଜୟଦେବ ପ୍ରଧାନ ମିଳିତ ଭାବେ ରାତ୍ରିରେ ଅସ୍ତ୍ରୋପଚାର କରିଥିଲେ । ପ୍ରଚୁର ରକ୍ତସ୍ରାବ ହେଉଥିବା ସତ୍ତ୍ୱେ ଆଣ୍ଠୁ ଚକି ମଧ୍ୟରୁ ବ୍ରେକ ଖଣ୍ଡକୁ ବାହାର କରିଥିଲେ । ବଡ଼ ବଡ଼ ହସ୍ପିଟାଲରେ ହେଉଥିବା ବିରଳ ଅସ୍ତ୍ରୋପଚାରକୁ ରାଇରଙ୍ଗପୁର ଭଳି ସ୍ଥାନରେ କରି ଉଭୟ ଡାକ୍ତର ନାବାଳକଙ୍କୁ ବିପଦ ମୁକ୍ତ କରିଛନ୍ତି ।

# ପୁଲିସ ସହ ଗୁଳି ବିନିମୟରେ ୨ମାଓବାଦୀ ନିହତ



ବାଲିଗୁଡା,୨୫/୧୨(ନି/ପ୍ର):କନ୍ଧମାଳ ଜିଲା କୋଟଗଡ ଥାନା ଜଙ୍ଗଲାଂଚଳରେ ବୁଧବାର ରାତିରେ ପୁଲିସ ସହ ଗୁଳି ବିନିମୟରେ ୨ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି । ସେମାନଙ୍କଠାରୁ କିଛି ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । କୋଟଗଡ ଥାନା ଅନ୍ତର୍ଗତ ଜଙ୍ଗଲାକୁ ଜିଲା ପୁଲିସର ସଶସ୍ତ୍ର ବାହିନୀ ଅଭିଯାନରେ ଯାଇଥିବା ବେଳେ ବୁଧବାର ରାତି ପ୍ରାୟ ୯ଟା ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ । ମାଓବାଦୀମାନେ ପ୍ରଥମେ ପୁଲିସ ଉପରକୁ ଗୁଳି ଚଳାଇଥିଲେ । ପୁଲିସର ପାଲଟା ଜବାବରେ ୨ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି । ପୁଲିସ ଗୁଳିର ସାମନା କରିନପାରି ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିବା ବାଲିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶିବମ ଘୋଷଲେ ସୂଚନା ଦେଇଛନ୍ତି । ସ୍ଥାନୀୟ ଅଚଂଳରେ ଏବେବି ସର୍ଚ୍ଚ ଅପରସନ ଜାରି ରହିଛି ।

# ଉତ୍କଳ କେଶରୀ ସାହିତ୍ୟ ସଂସଦର ୫ମ ବାର୍ଷିକ ସମାରୋହ

ଭଦ୍ରକ, ୨୫/୧୨(ନି/ପ୍ର):ଏହି ଜିଲାର ବନ୍ତ ଉତ୍କଳ କେଶରୀ ସାହିତ୍ୟ ସଂସଦର ୫ମ ବାର୍ଷିକ ସାରସ୍ୱତ ସମାରୋହ,କବିତା ପାଠ, ପ୍ରତିଭା ସମ୍ବର୍ଦ୍ଧନା ଓ ପୁସ୍ତକ ଉନ୍ମୋଚନ ପର୍ବ ଜାମିତିରା ଠାରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ବିଶିଷ୍ଟ ବାଗ୍ମୀ ତଥା ନାଟ୍ୟକାର ଡ.ସୁଧାଂଶୁ ଶେଖର ନାୟକ ଆୟୋଜିତ ସଭାକୁ ଅଧ୍ୟକ୍ଷତା କରି କହିଲେ, ସାହିତ୍ୟ ସଂସଦ ସଂପୃକ୍ତ ଅଂଚଳର ନୂତନ ପ୍ରତିଭା ମାନଙ୍କୁ ନିରନ୍ତର ଭାବେ ସାହିତ୍ୟ ସମ୍ପର୍କିତ ଆଲୋଚନା କରି ସାହିତ୍ୟ ସାଧକ ମାନଙ୍କୁ ମାର୍ଗଦର୍ଶନ ଯୋଗାଇ ଦେଉଛି, ଫଳରେ ଅନେକ କବି ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ପରାକାଷ୍ଠା ପ୍ରତିପାଦନ କରିବାରେ ସହାୟକ ହେଉଛନ୍ତି । ସଭାରେ ମୁଖ୍ୟ ଅତିଥି ଭାବେ ଡ.ଦୁର୍ଯ୍ୟୋଧନ ଦାସ ଯୋଗଦେଇ କହିଲେ,ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ବନ୍ତ ପବିତ୍ର ଅଟେ । ତାଙ୍କର ପ୍ରତ୍ୟେକଟି ଅଂଶ ବିଶେଷ ଭାବେ ଆମ ସମସ୍ତଙ୍କ ଠାରେ କବି ପ୍ରତିଭା ରହିଛି,ବିଶେଷ କରି କବି ମାନେ ପ୍ରେମ କବିତା ଲେଖିବା କ୍ଷେତ୍ରରେ ଆଗଭର ହେଲେ ଶରୀରର ଜୀନ୍ ବହୁଳ ପ୍ରଭାବିତ ହେଉଥିବା ବେଳେ ଏହାକୁ ଅଗ୍ରାଧିକାର ନେଇ ମତ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଭୟ କୁମାର ଦାସ ତାଙ୍କ ବକ୍ତବ୍ୟରେ କବିତାର ସ୍ୱର ସମସ୍ତଙ୍କୁ ପ୍ରଭାବିତ କରି ସୃଷ୍ଟିର ପରିବର୍ତନ ଆଣିବା ପାଇଁ ଲେଖାହେବା ଆବଶ୍ୟକ ବୋଲି କହିଥିଲେ । ସମ୍ମାନିତ ଅତିଥି ପ୍ରାକ୍ତନ ଇଂରାଜୀ ଅଧ୍ୟାପକ, ସାହିତ୍ୟିକ ଓ ଅନୁବାଦକ ରବିନ୍ଦ୍ର କୁମାର ନାୟକ ସାହିତ୍ୟର ଜଣେ ଗୁଣଗ୍ରାହୀ ପାଠକ ହେବା ସହିତ ନିଜ ଜୀବନରେ ଏହାକୁ ବିନିଯୋଗ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ଅବସରରେ କବି ସୁକାନ୍ତ କୁମାର ବେହେରାଙ୍କ 'ଈଶ୍ୱରୀ', କବି ଗଣେଶ ପ୍ରସାଦ କରଶର୍ମାଙ୍କ 'ଶ୍ରାବଣୀର ଶେଷ ଚିଠି', କବି ସଙ୍ଖାଳୀ ଚରଣ ରାଉଳଙ୍କ 'ଶୂନ୍ୟରୁ ଶିଖର'ପୁସ୍ତକ ଉନ୍ମୋଚନ କରାଯାଇଥିବା ବେଳେ କବି ପ୍ରଫୁଲ୍ଲ କୁମାର ଚକ୍ରଙ୍କୁ ଉତ୍କଳ କେଶରୀ ସାହିତ୍ୟ ସମ୍ମାନ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. କେଶବ ଚନ୍ଦ୍ର ଜେନାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ସାହିତ୍ୟିକ ଜଗନ୍ନାଥ ପାତ୍ର ଅତିଥିଙ୍କୁ ମଂଚ ଆହ୍ୱାନ, ଯୁବକବି ସୁକାନ୍ତ କୁମାର ବେହେରା ଅତିଥି ପରିଚୟ, ଚର୍ତୁଭୂଜ ପହି ସ୍ୱାଗତ ଭାଷଣ, ଅଭୟ କୁମାର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ, ସମ୍ପାଦକ ରମାକାନ୍ତ ଜେନା ବିବରଣୀ ପାଠ ଓ ଶେଷରେ ନାରାୟଣ ଚନ୍ଦ୍ର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଅଧିବେଶନକୁ ଅକ୍ଷୟ ଜେନା ଅଧ୍ୟକ୍ଷତା କରିଥିଲେ । କବି ଗୋବିନ୍ଦ ଚନ୍ଦ୍ର ବାରିକ ଓ ଗଣେଶ ପ୍ରସାଦ କରଶର୍ମା ଅତିଥି ଥିଲେ । ଶତାଧିକ କବିସ୍ୱରଚିତ କବିତା ପାଠ କରିଥିବା ବେଳେ ଦାସରଥୀ ଜେନା, ଦିପ୍ତୀ ଦେବଦର୍ଶନୀ ସୂତାର ମଂଚ ସଂଯୋଜନା କରିଥିଲେ । ବାବାଜୀ ଚରଣ ଦଳେଇ, ଶ୍ରୀକାନ୍ତ ପଣ୍ଡା, ବିଦ୍ୟାଧର ପ୍ରଧାନ, ବିଶ୍ୱଜିତ୍ ଲେଙ୍କା, ହେମନ୍ତ ସିଂହ, ରଞ୍ଜିତ ଲେଙ୍କା, ସୁବୋଧ କୁମାର ସାହୁ, ପ୍ରଫୁଲ୍ଲ ଲେଙ୍କା, ଗୟାଧର ଦାସ, ଶୁଭଶ୍ରୀ ଲେଙ୍କା, ଆଲୋକ ମୁଖାର୍ଜି ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କବି ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ୬୫ ତମ ଜନ୍ମ ଜୟନ୍ତୀ ପାଇଁ ଅତିଥି ମାନେ କେକ୍ କାଟି ତାଙ୍କର ଦୀର୍ଘାୟୁ କାମନା କରିଥିଲେ ।

# ପର୍ଯ୍ୟଟନ ସ୍ଥଳୀରେ ଭିଡ

ନୂଆପଡା,୨୫/୧୨(ନି/ପ୍ର): ଆଉ କିଛି ଦିନ ପରେ ବିଦାୟ ନେବ ୨୦୨୫ ମସିହା, ପୃଥିବୀରେ ପାଦ ଥାବିବ ନବବର୍ଷ ୨୦୨୬ । ଏନେଇ ଲୋକଙ୍କ ମଧ୍ୟରେ ନାହିଁ ନଥିବାର ଖୁସି । ଏବେ ପର୍ଯ୍ୟଟନ ସ୍ଥଳୀ ମାନଙ୍କରେ ଲୋକଙ୍କ ପ୍ରବଳ ଭିଡ ।ବୁଲାବୁଲି ସହ ବଣଭୋଜିର ମଜା ନେଉଛନ୍ତି ସମସ୍ତେ ।ନୂଆପଡା ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତିଖାଲିରେ ଏବେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି । ପ୍ରତିଦିନ ହଜାର ହଜାର ଲୋକ ବୁଲାବୁଲି ସହିତ ବଣଭୋଜିର ମଜା ନେଉଛନ୍ତି । ତିଖାଲି ଡ୍ୟାମ, ପାର୍କ, ମନ୍ଦିର ଓ ସୁନ୍ଦର ସୁନ୍ଦର ବୃକ୍ଷ ଲତା ଦେଖିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଲୋକ ଆସୁଛନ୍ତି । କେଉଁଠି ବନ୍ଧୁ ମିଳନ, ଜନ୍ମ ଦିବସ ପାଳନ ଚାଲିଛି ତ କେଉଁଠି ବିଭିନ୍ନ ସଂଗଠନରପି ବାର୍ଷିକ ବୈଠକ ଚାଲିଛି । ବିଭିନ୍ନ ବିଦ୍ୟାଳୟ ଓ କଲେଜର ଛାତ୍ରଛାତ୍ରୀ ମାନେ ପିକନିକର ମଜା ନେଉଛନ୍ତି ।ମିଳିମିଶି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଖାଇବା ସହ ନାଚଗୀତର ଆସର ଜମିଛି । ଗତ ବର୍ଷ ଠାରୁ ବୋଟିଙ୍ଗ ବ୍ୟବସ୍ଥା ହୋଇଥିବାରୁ ପର୍ଯ୍ୟଟକ ଭରପୁର ମଜା ନେଉଛନ୍ତି । ତିଖାଲି ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ । ବର୍ଷ ତମାମ ପର୍ଯ୍ୟଟକଙ୍କ ଭିଡ଼ ଏଠାରେ ଦେଖିବାକୁ ମିଳେ ।ବିଭିନ୍ନ ରାଜନୈତିକ ଦଳ, ସରକାରୀ ବେସରକାରୀ ସଂଗଠନ, କଲେଜ, ସ୍କୁଲ ଆଦି ଏଠାରେ ଅନେକ ପ୍ରକାର ବୈଠକ ଓ ଭୋଜିଭାତ କରିଥାନ୍ତି । କେବଳ ଆମ ରାଜ୍ୟର ପର୍ଯ୍ୟଟକ ନୁହନ୍ତି ପଡୋଶୀ ଛତିଶଗଡ, ମଧ୍ୟ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶର ଲୋକେ ମଧ୍ୟ ଏଠାକୁ ବୁଲିବାକୁ ଆସୁଛନ୍ତି । ଏଠାରେ କିନ୍ତୁ ପାନୀୟ ଜଳର ସୁବିଧା ନଥିବା ବେଳେ ଶୌଚାଳୟର ବ୍ୟବସ୍ଥା ନାହିଁ । ଏପରିକି ରହିବା ପାଇଁ ପାନ୍ଥଶାଳାର




# ପରିବହନ ଆୟୁକ୍ତଙ୍କ ନିଷ୍ପତିକୁ ରଦ୍ଦ କଲେ ପରିବହନ ମନ୍ତ୍ରୀ



**ବଡ କାରଖାନା ଓ ତା' ପରିସର ମଧ୍ୟରେ ଚାଲୁଥିବା ପୁରୁଣା ଗାଡିରୁ ଧୂଆଁ ବାହାରି ବାୟୁ ମଣ୍ଡଳକୁ ପ୍ରଦୂଷଣ କରୁନାହିଁ ବୋଲି ସ୍ପଷ୍ଟ କରନ୍ତୁ ସରକାର**

ରାଉରକେଲା,୨୫/୧୨(ନି/ପ୍ର): ମୋଟର ଯାନ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ (ଚଟଉ) ପ୍ରମାଣପତ୍ର ପାଇବାରେ ସାଧାରଣ ଜନତା ସମ୍ମୁଖୀନ ହେଉଥିବା ଅସୁବିଧାକୁ ଦୃଷ୍ଟିରେ ରଖି, 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ନାହିଁ' ନିଷ୍ପତିର କାର୍ଯ୍ୟକାରୀତାକୁ ସ୍ଥଗିତ ରଖାଯାଇଛି। ପୂର୍ବରୁ ଏହି ନିର୍ଦ୍ଦେଶ ଜାନୁଆରୀ ୧ ତାରିଖରୁ କାର୍ଯ୍ୟକାରୀ ହେବାକୁ ପରିବହନ ଆୟୁକ୍ତଙ୍କ ମାଧ୍ୟମରେ ସୂଚନା ଦିଆଯାଇଥିଲା। ଗାଡି ମାଲିକଙ୍କ ଚାହିଦା ଏବଂ ଅସୁବିଧାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏହାକୁ ଫେବୃଆରୀ ୧ ତାରିଖକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଅବଧି ମଧ୍ୟରେ, ପରିବହନ ବହନ ବିଭାଗ ମୋଟର ଯାନ ଆଇନ ଅନୁଯାୟୀ ବାଧ୍ୟତାମୂଳକ ଭାବରେ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିବା ଯାନ ମାଲିକମାନଙ୍କୁ ସେମାନଙ୍କର ଯାନ ପରୀକ୍ଷା କରାଇବା ଓ ଆବଶ୍ୟକୀୟ ପ୍ରମାଣପତ୍ର ପାଇବା ପାଇଁ ଅନୁରୋଧ କରାଯାଇଛି। ଏହି ସମୟ ବୃଦ୍ଧି ଗାଡି ମାଲିକଙ୍କୁ ସୁଗମ ଏବଂ ଦ୍ୱନ୍ଦ୍ୱ ପ୍ରକ୍ରିୟା ସମାପ୍ତ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ଫେବୃଆରୀ ୧ ତାରିଖ ପୂର୍ବରୁ ପ୍ରଦୂଷଣ ପ୍ରମାଣପତ୍ର ବିନା କୌଣସି ପେଟ୍ରୋଲ ପମ୍ପରେ ଯାନକୁ ଇନ୍ଧନ ଦେବାକୁ ମନା କରାଯିବ ନାହିଁ। ଏହି ସମୟ ମଧ୍ୟରେ, ରାଜ୍ୟ ପରିବହନ ବିଭାଗ ପ୍ରଦୂଷଣ ପ୍ରମାଣପତ୍ରର ଗୁରୁତ୍ୱ ଏବଂ ଆବଶ୍ୟକତା ବିଷୟରେ ଯାନବାହନ ମାଲିକମାନଙ୍କୁ ସଚେତନ କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତି ନେଇଛି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ପରିବହନ ବିଭାଗ ଦ୍ୱାରା ଜାରି କରାଯାଇଥିବା ପୂର୍ବନିର୍ଦ୍ଦେଶକୁ ସଂଶୋଧନ କରିବା ଏବଂ ପାଳନ ପାଇଁ ଅଧିକ ସମୟ ଦେବା ପାଇଁ ବିଭିନ୍ନ ସ୍ତରରେ ଦାବି ଉଠିଥିଲା। ରାଉରକେଲାରେ ମଧ୍ୟ ସମାନ ଚିନ୍ତା ପ୍ରକାଶ ପାଇଥିଲା, ଯାହା ଫଳରେ ବୃହତର ଜନସ୍ୱାର୍ଥ ଦୃଷ୍ଟିରୁ କର୍ତୃପକ୍ଷ ଏହି ସମୟ ବୃଦ୍ଧି କରିବାକୁ ବାଧ୍ୟ ହୋଇଥିଲେ। ଏଠାରେ ସରକାର ଓ ବିଭାଗଙ୍କ ଉଦାସୀନତା ଯୋଗୁଁ ପ୍ରଦ୍ୟୁଷଣ ସମସ୍ୟା ଦିନକୁ ଦିନ ବଢି ଚାଲିଛି। ଦିଲ୍ଲୀରେ ଅତ୍ୟାଧିକ ଶିଳ୍ପାନ୍ୟନ ସମେତ ଗାଡିରୁ ବାହାରୁଥିବା ଧୂଆଁ ତତସହିତ ନଡା (ପରେଲି) ପୋଡଯିବା ଯୋଗୁଁ ପ୍ରଦ୍ୟୁଷଣ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। କିନ୍ତୁ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ, ଏଠାରେ ଧାନ ଫସଲର ନଡା ପୋଡାଯାଏ ନାହିଁ। ଏଥିସହିତ ସମଗ୍ର ଓଡିଶା ପ୍ରଦ୍ୟୁଷିତ ନୁହେଁ। ଭୁବନେଶ୍ୱର, କଟକ, ରାଉରକେଲା ଓ ଅନ୍ୟାନ୍ୟ କେତେକ ସହରକୁ ଛାଡିଦେଲେ ବାକି ଅଂଚଳରେ ପ୍ରଦ୍ୟୁଷଣ ସମସ୍ୟା ଦେଖିବାକୁ ମିଳେନାହିଁ। ଓଡିଶାର ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ଦୋଷମୁକ୍ତ ନୁହେଁ। ଓଡିଶାର ଶିଳ୍ପଗୁଡିକ ସହରାଂଚଳରେ ରହିଛି। ରାଉରକେଲା ଇସ୍ପାତ କାରଖାନାରୁ ବାହାରୁଥିବା କଳା ଧୂଆଁ ଏବଂ କାରଖାନା ପରିସର ମଧ୍ୟରେ ଚାଲୁଥିବା ବହୁ ପୁରୁଣା ଗାଡିରୁ ବାହାରୁଥିବା ଧୂଆଁ ସହରକୁ ପ୍ରଦ୍ୟୁଷିତ କରୁଛି କି ନାହିଁ ଏହାର ସଠିକ ଉତ୍ତର ରାଜ୍ୟ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ନାହିଁ। ସ୍ପଞ୍ଜ ଆଇରନ୍ କାରଖାନାଗୁଡିକରେ ଇଏସପି ନଥାଇ ଚାଲୁଛି କାରଖାନା ! ରାଉରକେଲାରେ ଥିବା ରାଜ୍ୟ ଆଂଚଳିକ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ନିଜର ବଦନାମ ପାଇଁ ଠିକ୍ ଭାବରେ କାର୍ଯ୍ୟ କରୁନଥିବା ଅଭିଯୋଗ ଉଠୁଛି। ଏହି ସମସ୍ତ କାରଖାନା ପ୍ରଦୁଷଣ ମୁକ୍ତ ନୁହେଁ ବୋଲି ସରକାର ଓ ବିଭାଗ ସ୍ପଷ୍ଟ କରିବା ଆବଶ୍ୟକ। ପରିବହନ ବିଭାଗ ଏ ସମସ୍ତ ସମସ୍ୟାକୁ ନେଇ ଗରୀବ ଜନସାଧାରଣଙ୍କ କୋପଦୃଷ୍ଟିରେ ନଆସୁ ବୋଲି ବୁଦ୍ଧିଜୀବି ମହଲରେ ପ୍ରଶ୍ନ ଉଠିଛି।

# ବ୍ରାହ୍ମଣୀ କ୍ଲବ ପକ୍ଷରୁ ବଡଦିନ ପାଳିତ



ରାଉରକେଲା,୨୫/୧୨(ନି/ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ବ୍ରାହ୍ମଣୀ କ୍ଲବ ପରିସରରେ ବଡଦିନ ଧୂମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବ ପରିସରକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଏକ୍ସମାସ ଟ୍ରୀ, ସାଟାଂକ୍ଲଜ ସହିତ ତାରକାରେ ପରିପୂର୍ଣ୍ଣ ପରିସରକୁ ସଜ୍ଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣୀ କ୍ଲବର ପଦାଧିକାରୀଙ୍କ ସମେତ ପରିବାରର ସଦସ୍ୟମାନେ ଯୋଗ ଦେଇ ଖ୍ରୀଷ୍ଟମାସକୁ ଆନନ୍ଦ ଉଲ୍ଲାସ ସହିତ ପାଳନ କରିଥିଲେ। ଆଜି ସକାଳରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଷେଶକରି ଛୋଟ ପିଲାମାନଙ୍କ ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ନେଇ ସାଣ୍ଟାକ୍ଲଜ୍ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ଏବଂ କେକ୍ ବଂଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଜୟୀ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ କ୍ଲବର ଉପାଧ୍ୟକ୍ଷ ସୁବ୍ରତ ପଟ୍ଟନାୟକ କହିଥିଲେ ଯେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବଡଦିନର କାର୍ଯ୍ୟକ୍ରମ ଧୂମଧାମରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛୋଟ ଛୋଟ ପିଲାମାନଙ୍କ ସହିତ ମହିଳାମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ବିଶେଷକରି ଗୀତ, ନୃତ୍ୟ, ସଂଗୀତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଗୋଟିଏ ବଡ କେକ୍ ମଧ୍ୟ କଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣୀ କ୍ଲବର ସମ୍ପାଦକ ନିଗମ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ନିମେ ଲାଟ୍, କୋଷାଧ୍ୟକ୍ଷ ଅମିତ୍ ଅଗ୍ରୱାଲ, ସଭ୍ୟ ସି ଏସ୍ ସାଲୁଜା, ରୋହିତ ଅଗ୍ରୱାଲ, କାର୍ଯ୍ୟକ୍ରମ ଅଧ୍ୟକ୍ଷ ଉଷା ଅଗ୍ରୱାଲ, ସୋନିଆ ସାଲୁଜା ଏବଂ ଅନ୍ୟାନ୍ୟ ସକ୍ରିୟ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ନେଇ କ୍ଲବ ପରିସରରେ ବହୁତ ଭିଡ଼ ଦେଖିବାକୁ ମିଳିଥିଲା।

# ଶିବାଜୀ ମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୫ତମ ବାର୍ଷିକୋତ୍ସବ ସମାରୋହ



ରାଉରକେଲା,୨୫/୧୨(ନି/ପ୍ର): ଶିବାଜୀ ମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗତ ୨୩.୧୨.୨୦୨୫ ବୁଧବାର ଦିନ ୪୫ତମ ବାର୍ଷିକୋତ୍ସବ ସମାରୋହ ଅତ୍ୟନ୍ତ ଧୁମଧାମରେ ପାଳିତ ହୋଇଯାଇଛି । ଅପରାହ୍ନ ୩.୦୦ ଟାରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ମୁଖ୍ୟ ଅତିଥିଙ୍କ ଦ୍ୱାରା ମା' ସରସ୍ୱତୀଙ୍କ ପ୍ରତିମା ସମ୍ମୁଖରେ ଦୀପ ପ୍ରଜ୍ୱଳନ ଏବଂ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ଗାନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେଟା ସ୍ପଞ୍ଜ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ତଥା ସମାଜସେବୀ ଶ୍ରୀମାନ ସତୀଶ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶ୍ରୀମାନ ସୁରେଶ କୁମାର ବୋନ୍ଦିଆ, ଝାରସୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଥମ ସଭାପତି ତଥା ପ୍ରତିଷ୍ଠାତା ଡକ୍ଟର ମଧୁରେଶ ଦ୍ୱିବେଦୀ (ପ୍ରଫେସର, ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ, ଘଓଞ୍ଜ ରାଉରକେଲା), ଏବଂ ଶିଳ୍ପପତି ତଥା ସମାଜସେବୀ ଶ୍ରୀମାନ ଉଦୟ କୁମାର ରାଜଗଡ଼ିଆ ଉପସ୍ଥିତ ଥିଲେ । ଏହା ସହିତ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀମାନ ଗୋବିନ୍ଦ ଚନ୍ଦ୍ର ମିଶ୍ର, ବିଦ୍ୟାଳୟ ପରିଚାଳନା ସମ୍ପାଦିକା ଶ୍ରୀମତୀ ରୀନା ଅଗ୍ରୱାଲ, କୋଷାଧ୍ୟକ୍ଷ ଶ୍ରୀ ନାରାୟଣ ପାତ୍ର, ସଦସ୍ୟା ଶ୍ରୀମତୀ ପ୍ରୀତି ଲହେରେ, ସଦସ୍ୟ ଶ୍ରୀ ଶକ୍ତି କୁମାର ଶର୍ମାଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ବିବରଣୀ ସ୍ୱାଗତ ସଙ୍ଗୀତ: ବିଦ୍ୟାଳୟର ପିଲାମାନେ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ (ପ୍ରଥମ ପର୍ଯ୍ୟାୟ): ପ୍ରଥମରୁ ତୃତୀୟ ଶ୍ରେଣୀର କୁନି କୁନି ପିଲାମାନେ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନ ମୋହି ନେଇଥିଲେ । ବାର୍ଷିକ ବିବରଣୀ: ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ମାନ ଓ ପୁରସ୍କାର ବିତରଣ: ଆସିଥିବା ସମସ୍ତ ଅତିଥିଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ପିଲାମାନଙ୍କୁ ଲକ୍ଷ୍ୟ ହାସଲ ପାଇଁ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇଥିଲେ । ଗତ ବର୍ଷ ଶ୍ରେଷ୍ଠ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଏବଂ ଉତ୍କର୍ଷ ଛାତ୍ରୀ (ପୂର୍ବ ଛାତ୍ରୀ) ଭଉଣୀ ଟି. ଗାୟତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟ: ସନ୍ଧ୍ୟା ୫.୪୫ ମିନିଟରେ ବନ୍ଦେ ମାତରମ୍ ଗାନ ପରେ ଚତୁର୍ଥରୁ ଦଶମ ଶ୍ରେଣୀ ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଦଶମ ଶ୍ରେଣୀର ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

# ବିପିୟୁଟି ପ୍ରକଳ୍ପ ପ୍ରଦର୍ଶନୀ-୨୦୨୫ ସଫଳତାର ସହ ଆୟୋଜିତ



ରାଉରକେଲା,୨୫/୧୨(ନି/ପ୍ର): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୫ ଡିସେମ୍ବର ୨୪ ଦିନ ଏହାର ପ୍ରମୁଖ ବିପିୟୁଟି ପ୍ରକଳ୍ପ ପ୍ରଦର୍ଶନୀ ୨୦୨୫ର (ତୃତୀୟ ସଂସ୍କରଣ) ସଫଳତାର ସହ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ପ୍ରଦର୍ଶନୀର ବିଷୟବସ୍ତୁ ଥିଲା ବିକଶିତ ଭାରତ ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟରେ ବୁଦ୍ଧିମାନ ସମାଧାନ। ଓଡ଼ିଶାର ୩୧ଟି ସଂଲଗ୍ନ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ମୋଟ ୧୩୨ଟି ଅଭିନବ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ପ୍ରଦର୍ଶନୀ ଭୁବନେଶ୍ୱରର ଗଙ୍ଗପଦା ସ୍ଥିତ ସହଭାଗୀ ଗୀତମ ଏବଂ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଂଟ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀରେ ପରିବେଶ ଏବଂ ସ୍ଥାୟୀ ବିକାଶ ଉପରେ ବିଶେଷ ଗୁରୁତ୍ୱ ସହିତ କୃତ୍ରିମ ବୁଦ୍ଧିମତା, ଇଂଟରନେଟ୍ ଅଫ୍ ଥିଙ୍ଗସ୍, ରୋବୋଟିକ୍ସ, ସାଇବର ସିକ୍ୟୁରିଟି ଏବଂ ମେକାନିକାଲ୍, ଇଲେକ୍ଟ୍ରିକାଲ୍ ଓ ସିଭିଲ୍ ଇଞ୍ଜିନିୟରିଂ ଭଳି ବିଭିନ୍ନ ଆଧୁନିକ ତଥା ସାମାଜିକ ପ୍ରାସଙ୍ଗିକ ଇତ୍ୟାଦିକୁ ନେଇ ପ୍ରକଳ୍ପ ଗୁଡ଼ିକ ଉପସ୍ଥାପିତ ହୋଇଥିଲା। କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦଘାଟନ ଭୁବନେଶ୍ୱର ଗୀତମର ଓମ୍ ବାଲାଜୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବର ମୁଖ୍ୟ ଅତିଥି ଭାବେ ଓୟୁଟିଆରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ମୁଖ୍ୟ ପୃଷ୍ଠପୋଷକ ଭାବେ ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ, ସମ୍ମାନିତ ଅତିଥି ଭାବେ କଗ୍ନିଜାଂଟ ଟେକ୍ନୋଲୋଜି ସଲ୍ୟୁସନର ଉପ-ସଭାପତି ସତୀଶ କୁମାର ପ୍ରଧାନ, ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥାଳ ଏବଂ ଗୀତମର ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ବିଶ୍ୱାଳ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଦୁନିଆରେ ଛାତ୍ରଛାତ୍ରୀମାନେ କେବଳ ବୈଷୟିକ ଜ୍ଞାନ ନୁହେଁ, ବରଂ ନୈତିକ ଉଦ୍ଭାବନ, ଗଠନମୂଳକ ଚିନ୍ତାଧାରା ଏବଂ ପ୍ରଭାବଶାଳୀ ସହଯୋଗ କରିବାର କ୍ଷମତା ରଖିବା ଉଚିତ। କୁଳପତି ପ୍ରଫେସର ରଥ ବୃତ୍ତିଗତ ଦକ୍ଷତା, ନୈତିକ ମୂଲ୍ୟବୋଧ, ନେତୃତ୍ୱ ଏବଂ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିବା ସହ ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ସତୀଶ କୁମାର ପ୍ରଧାନ। ସେ ସ୍ୱାସ୍ଥ୍ୟସେବା, ଅର୍ଥନୀତି, ଉତ୍ପାଦନ ଏବଂ ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପରିବର୍ତ୍ତନଶୀଳ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଡକ୍ଟର ପୁଥାଳ ଆଶା ପ୍ରକଟ କରିଥିଲେ ଯେ ପ୍ରଦର୍ଶନୀରେ ପ୍ରଦର୍ଶିତ ନୂତନ ଚିନ୍ତାଧାରା ସମାଜ ପାଇଁ ଲାଭଦାୟକ ଉତ୍ପାଦରେ ପରିଣତ ହେବ। ପ୍ରଫେସର ଅଜୟ କୁମାର ପ୍ରଧାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ଭାବନ, ସୃଜନଶୀଳତା ଏବଂ ଅଭିଜ୍ଞତାଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ଏହି ପ୍ରଦର୍ଶନୀର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମଟି ସଂଯୋଜକ ଡକ୍ଟର ପ୍ରକାଶ କୁମାର ପଣ୍ଡାଙ୍କ ସ୍ୱାଗତ ଭାଷଣରୁ ଆରମ୍ଭ ହୋଇ ବିପିୟୁଟିର ଉପ-କୁଳସଚିବ ଡକ୍ଟର ଶୁଭେନ୍ଦୁ କୁମାର ରଥଙ୍କ ଧନ୍ୟବାଦ ଅର୍ପଣ ସହ ଶେଷ ହୋଇଥିଲା। ଅପରାହ୍ନରେ ଏହାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଏଆଇସିଟିଇର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସଞ୍ଜୀବ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱର ଇଞ୍ଜିନିୟରିଂ କଲେଜର ଆକାଶ କୁମାର ନାୟକ, କୃପାସିନ୍ଧୁ ମିର୍ଦ୍ଧା ଏବଂ ଓମ୍ ବିଷ୍ଣୁ ସାନ୍ୟାଲଙ୍କୁ ସେମାନଙ୍କ ଅଭିନବ ଉଦ୍ଭାବନ 'ଟମାଟୋ ପାଇଁ ଜିରୋ ଏନର୍ଜି କୋଲ୍ଡ ଷ୍ଟୋରେଜ୍' ନିମନ୍ତେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ସିନର୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ନୀଳକଣ୍ଠ ମହାରଣା ଏବଂ କମଳ ଲୋଚନ ପ୍ରଧାନଙ୍କୁ ସେମାନଙ୍କ ଅଭିନବ ଜଳସେଚନ ପ୍ରଣାଳୀ ପାଇଁ ଦ୍ୱିତୀୟ ପୁରସ୍କାର ମିଳିଥିଲା। ସେହିପରି ଗୀତମ, ଭୁବନେଶ୍ୱରର ସିଦ୍ଧାନ୍ତ ଚଳାନ, ରାକେଶ କୁମାର ବିଶ୍ୱାଳ ଓ ସୌମ୍ୟ ରଞ୍ଜନ ସାହୁଙ୍କୁ 'ବର୍ଷା-ସୂଚନାକାରୀ ସ୍ୱୟଂଚାଳିତ ଝରକା' ପାଇଁ ଏବଂ ଗୀତା କଲେଜର ଦେବୀ ପ୍ରସାଦ ପଣ୍ଡା, ମନୋଜ କୁମାର ସାହୁ ଓ ପ୍ରତୀକ କିରଣ ରାଉତଙ୍କୁ ସେମାନଙ୍କ କମ୍ପ୍ୟୁଟର ଅପରେଟିଂ ସିଷ୍ଟମ୍ 'ସିନର୍ଜି ଓଏସ୍' ପାଇଁ ଯୁଗ୍ମ ଭାବେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଠନମୂଳକ ଚିନ୍ତାଧାରା ଏବଂ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ପ୍ରକଳ୍ପ ପ୍ରଦର୍ଶନୀ।

# 'ଆରଏସପି ୨୦୩୦ ନିମନ୍ତେ ରଣନୈତିକ ଚିନ୍ତାଧାରା' ଉପରେ କର୍ମଶାଳା



ରାଉରକେଲା,୨୫/୧୨(ନି/ପ୍ର):ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ର ଠାରେ ଡିସେମ୍ବରରେ ୨୨ ତାରିଖ ଦିନ "ଆରଏସପି ୨୦୩୦ ପାଇଁ ରଣନୈତିକ ଚିନ୍ତାଧାରା: କ୍ଷମତା ଦ୍ୱିଗୁଣିତ କରିବା ତଥା ନିର୍ଦ୍ଧାରିତ ଲକ୍ଷ୍ୟ ଅତିକ୍ରମ ବଜାୟ ରଖିବା" ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏହାର ଉଦଘାଟନୀ ଅଧିବେଶନରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଶ୍ରୀ ଆଲୋକ ବର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିକାଶ–ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବି ଆର ପଲାଇ, ସାମଗ୍ରୀ ପରିଚାଳନା ନିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ଓଡିଶା ଗ୍ରୁପ ଅଫ ମାଇନ୍ସ , (ଓ ଜି ଓ ଏମ ଏବଂ ସି ଏମ ଏଲ ଓ) ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂ ଉପସ୍ଥିତ ଥିଲେ। ଏହି କାର୍ମଶାଳାରେ ବହୁ ସିଜିଏମ, ଏଚ୍ଓଡି ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ପ୍ରାୟ ୬୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଉଲ୍ଲେଖନୀୟ ଯେ, ସିଇଓ (ଏଡମିଷ୍ଟ) ଶ୍ରୀ ବିବେକ ଗୁପ୍ତା ଏହି ଅଧିବେଶନର ମୁଖ୍ୟ ବକ୍ତା ଥିଲେ । ଏହି କର୍ମଶାଳାଟି ଭବିଷ୍ୟତର ଅଭିବୃଦ୍ଧି ଏବଂ ନିରନ୍ତର କାର୍ଯ୍ୟଦକ୍ଷତା ର ଉତ୍କର୍ଷତା ପାଇଁ ସଂଗଠନକୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ କେନ୍ଦ୍ରିତ କ୍ଷମତା-ନିର୍ମାଣ ଉପରେ ଏକ ପଦକ୍ଷେପ ଅଟେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ଆଲୋକ ବର୍ମା କହିଥିଲେ ଯେ, "ରାଉରକେଲା ଇସ୍ପାତ କାରଖାନା ଏକ ମହତ୍ୱାକାଂକ୍ଷୀ ଅଭିବୃଦ୍ଧି ଯୋଜନା ପ୍ରସ୍ତୁତ କରୁଛି, ଯାହାର ଲକ୍ଷ୍ୟ ହେଉଛି ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ବାର୍ଷିକ ୪.୫ ନିୟୁତ ଟନ ରୁ ୯.୮ ନିୟୁତ ଟନ ପର୍ଯ୍ୟନ୍ତ ବୃଦ୍ଧି କରିବା। ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ, ଏକ ସ୍ପଷ୍ଟ ଏବଂ ସୁପରିକଳ୍ପିତ ରଣନୀତି ରଖିବା ଜରୁରୀ।" ସେ ଆହୁରି ମଧ୍ୟ ଏଥିରେ ଅଂଶଗ୍ରହଣକାରୀମାନଙ୍କୁ ସକ୍ରିୟ ଅଂଶଗ୍ରହଣ କରିବା ସହ ଆଲୋଚନାରେ ଅର୍ଥପୂର୍ଣ୍ଣ ଭାବେ ସାମିଲ ହେବା ସଙ୍ଗେ ସଙ୍ଗେ ଆରଏସପି ପ୍ରତି ଗଠନମୂଳକ ଭାବେ ଯୋଗ ଦେବାକୁ ପରାମର୍ଶ ଦେବା ସହିତ ଏପରି ଘଡିସନ୍ଧି ମୁହୂର୍ତରେ ସମସ୍ତଙ୍କ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବଳିଷ୍ଠ ନେତୃତ୍ୱକୁ ବ୍ୟବହାରିକ ରଣନୀତିକ ଢାଂଚା ଏବଂ ଉପକରଣ ସହିତ ସଜ୍ଜିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି ଯାହା ସକ୍ରିୟ ଦୀର୍ଘକାଳୀନ ରଣନୀତି ଆଡ଼କୁ ପ୍ରତିକ୍ରିୟାଶୀଳ ଉତ୍କର୍ଷତାଠାରୁ ଆଗକୁ ବଢିବାରେ କରିବାରେ ସକ୍ଷମ କରିବ। ଏଥିରେ ଅଂଶଗ୍ରହଣକାରୀମାନଙ୍କୁ ଉତ୍ପାଦକତାର ଦୁର୍ବଳ ଅଂଚଳ ସେହି କ୍ଷେତ୍ରଗୁଡିକ ଚିହ୍ନଟ କରିବାକୁ ମାର୍ଗଦର୍ଶନ କରାଯାଇଥିଲା, ଯେଉଁଠାରେ ସମ୍ପୃକ୍ତ କାର୍ଯ୍ୟଗୁଡ଼ିକ ପ୍ରଗତିରେ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି । ଏହି ଅଧିବେଶନରେ ଆରଏସପି ର ୨୦୩୦ ର ଲକ୍ଷ୍ୟ ହାସଲ ସହିତ ସଂଯୁକ୍ତ ରଣନୀତିକ ପଦ୍ଧତିଗୁଡ଼ିକୁ ଠିକ ଭାବେ ବୁଝିବା ଆବଶ୍ୟକ ବୋଲି ପରାମର୍ଶ ଦିଆ ଯାଇଥିଲା। କର୍ମଶାଳାର ବିଭିନ୍ନ ଅଧିବେଶନରେ ରଣନୈତିକ ଚିନ୍ତାଧାରା କ୍ଷମତାକୁ ଆହୁରି ସୁଦୃଢ଼ କରିବା, ଲୋକଙ୍କୁ ଗୁରୁତ୍ୱପୂର୍ଣ୍ଣ କ୍ଷମତା ଏବଂ ଉତ୍ପାଦକତା ଭିତ୍ତିଭୂମିର ବାହକ ରୂପେ ସ୍ୱୀକୃତି ଦେବା ଏବଂ ଲାଇଭ୍ ସିମୁଲେସନ୍ ମାଧ୍ୟମରେ ଏଆଇ ସହିତ ଭବିଷ୍ୟତର ଦକ୍ଷତା ଅନୁସନ୍ଧାନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଏକ ସଂରଚିତ ୬୦-ଦିନିଆ କାର୍ଯ୍ୟ ପରୀକ୍ଷଣ ସହିତ ଏକ ରଣନୈତିକ ବ୍ୟବଧାନ ମଧ୍ୟରେ ବିକାଶ ତଥା କାର୍ଯ୍ୟକୁ ରଣନୈତିକ ଅନ୍ତର୍ଦୃଷ୍ଟିରେ ପରିଣତ କରିବା ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଉଦ୍ଦେଶ୍ୟ ଥିଲା । କର୍ମଶାଳାକୁ ଏଲ ଏଣ୍ଡ ଡି ବିଭାଗର ଜିଏମ ଶ୍ରୀ ଏମ କେ ଅଗ୍ରୱାଲ ସଂଯୋଜନା କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ ଏକ ମହତ୍ୱାକାଂକ୍ଷୀ ଅଭିବୃଦ୍ଧି ଏବଂ କାର୍ଯ୍ୟଦକ୍ଷତା ଉଦ୍ଦେଶ୍ୟ ସହିତ ରଣନୈତିକ ନେତୃତ୍ୱ କ୍ଷମତା ନିର୍ମାଣ ପାଇଁ ଆରଏସପିର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

# ଜଗଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୦ ତମ ବାର୍ଷିକ ଉତ୍ସବ



ରାଉରକେଲା,୨୫/୧୨(ନି/ପ୍ର): ଜଗଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୦ତମ ବାର୍ଷିକ ଉତ୍ସବ ଭଞ୍ଜଭବନ ପ୍ରକ୍ଷାଳୟଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୂର୍ଯ୍ୟନାରାୟଣ ଦାସ ଙ୍କ ଆବାହକତ୍ୱ ଓ ସଭାପତି ଡ ସାମନ୍ତ କୁମାର ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି, ସଂକୁଳ ପ୍ରମୁଖ ଗୋଦାବରୀଶ ଶତପଥୀ ମୁଖ୍ୟବକ୍ତା, ସମ୍ପାଦକ ବୈଷ୍ଣବ ଚରଣ ମହାପାତ୍ର ଓ ସହ ସମ୍ପାଦକ କୃପାସିନ୍ଧୁ ବେହୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଶ୍ରୀ ତନ୍ତୀ ତାଙ୍କ ବକ୍ତବ୍ୟରେ ଶିଶୁ ର ଚରିତ୍ର ଗଠନ, ସର୍ବାଙ୍ଗୀନ ବିକାଶ ଓ ଶିକ୍ଷା ପ୍ରତି ପ୍ରତିବଦ୍ଧତା, ମାତୃଭାଷା ରେ ଶିକ୍ଷାକୁ ଗୁରୁତ୍ୱାରୋପ, ପ୍ଲାଷ୍ଟିକ ବର୍ଜନ କରିବା ସହ ବିଦ୍ୟାଳୟ ସହରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ମତ ରଖିବା ସହ ଚରିତ୍ର ଗଠନ ଓ ମାନବିକତା ଓ ସମସ୍ତଙ୍କୁ ସୁନାଗରିକ ହୋଇ ଦେଶ ମାତୃକାର ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ। ସଭାପତି ଡ଼ା ସାହୁ ଚରିତ୍ର ଗୁଣବନ୍ତା, ବୈ।ଦ୍ଧିକ ଆତ୍ମିକ ଜ୍ଞାନ ଓ ମାନବୀୟ ମୂଲ୍ୟବୋଧ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଶ୍ରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ସହ ସମ୍ପାଦକ ଶ୍ରୀ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥି ମାନେ ବିଦ୍ୟାଳୟର ମୁଖପତ୍ର ସଂଜୀବନୀ କୁ ଉନ୍ମୋଚନ କରିଥିଲେ। ସେହିପରି ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅଶୋକ କକ୍କଡ, ସୁଧାକର ରଥ, ଜନାର୍ଦ୍ଦନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ କାଶୀନାଥ ପାଢ଼ୀ, ସୁଶାନ୍ତ ମଲ୍ଲିକ, ବବିତା ପାତ୍ର, ସନ୍ଧ୍ୟାରାଣୀ ଲେଙ୍କା, ସୁଚିତ୍ରା ଦର୍ଜି ପ୍ରମୁଖ ଗୁରୁଜୀ ଗୁରୁମା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲାବେଳେ ବହୁସଂଖ୍ୟାରେ ଅଭିଭାବକ ମାନେ ଯୋଗଦେଇଥିଲେ।